

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

Vol.11 . No.79 Bhubaneswar, Monday, November 25, 2024 ବର୍ଷ- ୧୧ ସଂଖ୍ୟା-୭୯ ଭୁବନେଶ୍ୱର ସୋମବାର, ନଭେମ୍ବର ୨୫.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/-


## ୨୬ରେ ଶପଥ ନେବେ ହେମନ୍ତ ସୋରେନ୍



ଝାଡ଼ଖଣ୍ଡ, ୨୪/୧୧: ଝାଡ଼ଖଣ୍ଡରେ ପୁଣି ବାଜି ମାରିଛି ଜେଏମ୍ଏମ୍ ସରକାର। ବିଧାନସଭା ନିର୍ବାଚନରେ ବିପୁଳ ଭୋଟ୍ରେ ହୋଇଛି ବିଜୟୀ। ପୁନର୍ବାର ବିଜୟ ପରେ ହେମନ୍ତ ସୋରେନଙ୍କ ନେତୃତ୍ୱରେ ଝାଡ଼ଖଣ୍ଡରେ ନୂଆ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି। ସୂଚନା ମୁତାବକ, ଆସନ୍ତା ନଭେମ୍ବର ୨୬ରେ ନୂଆ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବେ ହେମନ୍ତ ସୋରେନ୍। ଆଜି ଅପରାହ୍ନ ୪ଟାରେ ହେମନ୍ତ ସୋରେନ୍ ରାଜ ଭବନ ଯାଇ ରାଜ୍ୟପାଳଙ୍କୁ ନିଜ ଇସ୍ତଫାପତ୍ର ଦେବେ। ଏହା ପରେ ପୁନର୍ବାର ସରକାର ଗଠନ ପାଇଁ ଦାବି କରିବେ।ମିଳିଥିବା ସୂତ୍ରରୁ ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବ୍ୟତୀତ ଜେଏମଏମ କୋଟାରୁ ୬ଜଣ, କଂଗ୍ରେସ କୋଟାରୁ ୪ ଜଣ ଏବଂ ଆରଜେଡି କୋଟାରୁ ଜଣେ ମନ୍ତ୍ରୀ ରହିବେ। ୨୬ ନଭେମ୍ବରରେ ଏହି ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ହେମନ୍ତ ସୋରେନଙ୍କ ଶପଥ ଗ୍ରହଣ ସମାରୋହରେ I.N.D.I.A. ମିଳିତ ମଞ୍ଚରେ ଜଡିତ ଦଳର ବଡ଼ ବଡ଼ ନେତାମାନେ ଏଥିରେ ସାମିଲ ହେବେ। ହେମନ୍ତ ସୋରେନଙ୍କ ଶପଥ ଗ୍ରହଣ ସମାରୋହରେ ଅରବିନ୍ଦ କେଜ୍ରିୱାଲ ଯୋଗ ଦେଇପାରନ୍ତି। ଏହା ବ୍ୟତୀତ ରାହୁଲ ଗାନ୍ଧି, ତେଜସ୍ୱୀ ଯାଦବ, ଅଖିଳେଶ ଯାଦବ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଦୀପାଙ୍କର ଭଟ୍ଟାଚାର୍ଯ୍ୟ ମଧ୍ୟ ସାମିଲ ହୋଇପାରନ୍ତି। କହିରଖୁ ଯେ, ମୋଟ ୮୧ଟି ଆସନ ମଧ୍ୟରୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍ଏମ୍) ମିଳିତ ମେଣ୍ଟ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ୫୬ଟି ହାତେଇ ନିଜ କ୍ଷମତା ବଜାୟ ରଖିଛି। ସେପଟେ ବିଜେପି ନେତୃତ୍ୱାଧୀନ ଏନ୍ଡିଏକୁ କେବଳ ୨୪ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡିଛି।

# ୨୦ ଲକ୍ଷ ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲା ସୁଭଦ୍ରା ଟଙ୍କା

ଭୁବନେଶ୍ୱର, ୨୪/୧୧: ଆସିଲା ପ୍ରଥମ କିସ୍ତିର ତୃତୀୟ ଦଫା 'ସୁଭଦ୍ରା' ଟଙ୍କା। ୨୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଖାତାକୁ ଯାଇଛି 'ସୁଭଦ୍ରା' ଟଙ୍କା। ସୁନ୍ଦରଗଡ଼ରେ ଟଙ୍କା ରିଲିଜ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏଥିସହ ପ୍ରଥମ କିସ୍ତିରୁ ବାଦ୍ ପଡ଼ିଥିବା ୨୫ ପ୍ରତିଶତ ମହିଳାଙ୍କୁ ବି ମିଳିଛି ଟଙ୍କା। ତେବେ ଯେଉଁ ଆବେଦନକାରୀ ଜମି ଯୋଗ୍ୟତା ପାଇଁ ବାଦ୍ ପଡ଼ିଛନ୍ତି, ସେମାନଙ୍କର ମଧ୍ୟ ତଥ୍ୟ ଯାଞ୍ଚ ପାଇଁ ବ୍ଲକସ୍ତରକୁ ରିପୋର୍ଟ ଯାଇଛି। ସେଠି ସମାଧାନ ହୋଇଗଲେ, ସେମାନଙ୍କୁ ଡିସେମ୍ବରରେ ଟଙ୍କା ମିଳିବ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁନ୍ଦରଗଡ଼ ଗସ୍ତରେ ଆସି ସ୍ଥାନୀୟ ମହାବିଦ୍ୟାଳୟ ନିକଟସ୍ଥ ଯାତରା ପଡ଼ିଆରେ ଆୟୋଜିତ ବିଶାଳ ସମାବେଶରେ ଯୋଗ ଦେଇଥିଲେ। ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ୧୦ ଜଣ ମହିଳାଙ୍କୁ ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତିର ଡମି ଚେକ୍ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୋଭା ଶର୍ମା ଏବଂ ଜିଲ୍ଲାପାଳ ମନୋଜ ମହାଜନ ପ୍ରମୁଖ ଉପସ୍ଥିତ ଥିଲେ। ସୁନ୍ଦରଗଡ଼ ସଭାକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ପୂର୍ବ ବିଜେଡି ସରକାରକୁ ଟାର୍ଗେଟ୍ କରିଛନ୍ତି। ମହିଳାଙ୍କୁ ସୁଭଦ୍ରା ଟଙ୍କା ଛାଡ଼ିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବ ବିଜେଡି ସରକାର ଥିଲା ଘୋଷଣା ସରକାର। ପୂର୍ବ ସରକାର ମିଶନ ଶକ୍ତି ନେଇ ଖୁବ୍ ପ୍ରଚାର କରିଥିଲେ। ୭୦ ଲକ୍ଷ ସାମିଲ ନେଇ ଡିଣ୍ଡିମ ପିଟିଲେ, ହେଲେ ସେମାନଙ୍କ ପାଇଁ କିଛି କଲେନି। ସିଧାସଳଖ ସ୍ୱାବଲମ୍ବୀ ନେଇ ଆର୍ଥିକ ସହାୟତା ଦେଇନଥିଲେ। ହେଲେ ସେ ସମୟ ଯାଇଛି। ଆଗାମୀ ଦିନରେ ଓଡ଼ିଶା ସବୁ କ୍ଷେତ୍ରରେ ଶକ୍ତିଶାଳୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




## ସୀମାନ୍ତରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ: ଯବାନ ଗୁରୁତର

ମାଲକାନଗିରି, ୨୪/୧୧: ମାଲକାନଗିରି ସୀମାନ୍ତ ଛତିଶଗଡ଼ ସୁକୁମା ଜିଲ୍ଲାରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ। ଏହି ବିସ୍ଫୋରଣରେ ଜଣେ ଡିଆର୍ଜି ଯବାନ ଗୁରୁତର ହୋଇଥିବା ଜଣାପଡିଛି। ଆହତ ଯବାନଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ଅନୁଯାୟୀ, ଛତିଶଗଡ଼ ସୁକୁମା ଜିଲ୍ଲାର ତୁମାରପାଡ଼ ଓ ରାୟଗୁଡେମ ରାସ୍ତାରେ ନକ୍ସଲମାନେ ଲ୍ୟାଣ୍ଡମାଇନ୍ ଖଞ୍ଜି



ଥିଲେ। ଏହି ରାସ୍ତାରେ ସୁରକ୍ଷାକର୍ମୀ ଏବଂ ସ୍ଥାନୀୟ ପୋଲିସ ପକ୍ଷରୁ କୁମ୍ବିଂ ଅପରେସନ ଚାଲିଥିଲା। ଏହି ସମୟରେ ରାସ୍ତାରେ ଖଞ୍ଜା ଯାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲେ। ଯେଉଁଥିରେ ଜଣେ ଡିଆରଜି ଯବାନ ଗୁରୁତର ହୋଇଥିଲେ। ଏହାପରେ ଗୁରୁତର ଯବାନଙ୍କୁ ତୁରନ୍ତ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଗୁରୁତର ହୋଇଥିବା ଯବାନ ହେଉଛନ୍ତି ସୁକୁମା ଜିଲ୍ଲା ପୋଲିସର ପଡିଆମ ବିନୋଦ। ସେପଟେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ପରେ ଉକ୍ତ ଜଙ୍ଗଲରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।

## ତେଜୁଛି ଯାଜପୁର କଳି, ପୁଣି ବିଜେଡି-ବିଜେପି ମୁହାଁମୁହିଁ

ଭୁବନେଶ୍ୱର, ୨୪/୧୧: ଯାଜପୁର ଘଟଣାକୁ ନେଇ ତୀବ୍ର ହେଉଛି ବିଜେପି-ବିଜେଡି ରାଜନୀତି। ପୁଣି ମୁହାଁମୁହିଁ ଉଭୟ ଦଳ। ଯାଜପୁର ଟାଉନ ଉପକଣ୍ଠ ବୁଢାଘାଟ ପୋଲ ପାଖରେ ଧର୍ମଶାଳାର ବିଧାୟକଙ୍କୁ ଆକ୍ରମଣ ହେଲା। ସେଦିନ ବିଳମ୍ବିତ ରାତି ଯାଏଁ ଟାଉନ ଥାନା ଓ ସଦର ଥାନାରେ ହୋ ହଲ୍ଲା ଚାଲିଲା। ପରେ ପରେ ବିଜେଡିର ପୂର୍ବତନ ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ଆସି ଗଣମାଧ୍ୟମ ଆଗରେ ସଫେଇ ଦେଲେ। ଘଟଣା ସହ ବରିଜା ପ୍ରକଳ୍ପକୁ ଟାଣି ଓଟାରି ଯୋଡ଼ି ଦିଆଗଲା। ଆଉ ହାଟରେ ପରିବା ବିକାଳିଙ୍କୁ ନିର୍ଯାତନା ଅଭିଯୋଗରେ ବବିଙ୍କ ଭାଇ ଲଲ ଗିରଫ ହୋଇ ଜେଲ୍ ଗଲେ। ଚାରି ଦିନ ବିତିଗଲା ପରେ ଭୁବନେଶ୍ୱରରେ ପ୍ରେସମିଟ୍ କରି ପୁଲିସ ଉପରେ ଦୋଷ ଲଦିଛି ବିଜେଡି। ଯାହାକୁ ତୁରନ୍ତ କାଉଣ୍ଟର ମଧ୍ୟ କରିଛି ବିଜେପି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଅଭିଯୋଗ କରିଛି ଯେ, ରାଜ୍ୟରେ ବିଜେପି ସରକାର ଆସିବା ଦିନଠୁ ଆଇନ ଶୃଙ୍ଖଳା ସ୍ଥିତି ବିଗିଡିଛି। ଭଦ୍ରକ





ଓ ବାଲେଶ୍ୱରରେ ଗୋଷ୍ଠୀ ସଂଘର୍ଷ ହୋଇଛି। ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ହୋଇଛି, ଚୋରି, ଡକାୟତି, ଦୁଷ୍କର୍ମ ବଢ଼ିବାରେ ଲାଗିଛି। ପୁଲିସକୁ ବ୍ୟବହାର କରି ବିଜେଡି କର୍ମୀ ଓ ନେତାଙ୍କ ଉପରେ ମାମଲା କରୁଛନ୍ତି। ଏହା ବିରୋଧରେ ଆସନ୍ତାକାଲି ପୁଲିସ ଡିଜିଙ୍କୁ ଭେଟିବ ବିଜେଡି। ଯଦି ନ୍ୟାୟ ନମିଳିବ, ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି। ସେହିପରି ବରିଷ୍ଠ ବିଜେଡି ନେତା ସଞ୍ଜୟ ଦାସବର୍ମା ମଧ୍ୟ ପୁଲିସକୁ ଦୋଷ ଦେଇଛନ୍ତି। ଶାସକ ବିଜେପିର କର୍ମୀମାନେ ଗଣ୍ଡଗୋଳ କରିଥିଲେ ବି ସେମାନଙ୍କୁ ନ ବାନ୍ଧି ଖାଲି ବିଜେଡି କର୍ମୀଙ୍କୁ ବାନ୍ଧୁଥିବା ସେ ଅଭିଯୋଗ କରିଛନ୍ତି। ସେପଟେ ବିଜେଡିର ଏ ଅଭିଯୋଗର କଡ଼ା କାଉଣ୍ଟର କରିଛି ବିଜେପି। ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, କ୍ଷମତା ଯିବା ପରେ ବିରୋଧୀ ହେବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇନାହାନ୍ତି ବିଜେଡି ନେତା। ଜଣେ ବ୍ୟକ୍ତି ତା' ନିଜ ସ୍ୱାର୍ଥ ପାଇଁ ସବୁକିଛି କରୁଛି। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ପ୍ରାୟୋଜିତ ଗଣ୍ଡଗୋଳ ବୋଲି ଜଣାପଡୁଛି। ତଦନ୍ତ ହେଲେ ସବୁ ସ୍ପଷ୍ଟ ହେବ ବୋଲି ମନମୋହନ କହିଛନ୍ତି।

# ଭୁବନେଶ୍ୱରରେ 'ବାଂଲା' ସେକ୍ସ ରାକେଟ୍

ଭୁବନେଶ୍ୱର, ୨୪/୧୧: ଭୁବନେଶ୍ୱର ସେକ୍ସ ରାକେଟରେ ବାଂଲା ସୁନ୍ଦରୀ। ଜଣେ କି ଦୁଇଜଣ ନୁହେଁ ୨୦ରୁ ଅଧିକ ବାଂଲାଦେଶୀ ଯୁବତୀ ଏବେ ଓଡ଼ିଶାରେ ସେକ୍ସ ରାକେଟରେ ସଂପୃକ୍ତି ଅଭିଯୋଗ ହୋଇଛି। କଟକର ମସାଜ୍ ପାର୍ଲରରୁ ଜଣେ ଯୁବତୀଙ୍କୁ ଉଦ୍ଧାର କରିବା ପରେ ଏବେ ଏହାର ଚେର ଭୁବନେଶ୍ୱର, କଟକରୁ ଚାରିଆଡ଼େ ଲମ୍ବିଛି। ବାଂଲାଦେଶରୁ ଗଳାବାଟରେ ଭାୟା ପଶ୍ଚିମବଙ୍ଗ ଦେଇ ଏମାନଙ୍କୁ ଅଣାଯାଉଥିବା ଅଭିଯୋଗ ହୋଇଛି। ତେବେ ଯୁବତୀଙ୍କ ଅଭିଯୋଗ ଆଧାରରେ କଟକ ସଦର ଥାନା ଅଞ୍ଚଳର ଦମ୍ପତିଙ୍କୁ ଉଠାଇ ନେଇଛି ମଧୁପାଟଣା ପୋଲିସ। ବାଂଲାଦେଶରୁ କଟକକୁ ଯୁବତୀ ଚାଲାଣ ଅଭିଯୋଗ ହୋଇଛି। ଚାକିରୀ ଦେବା ନାଁରେ ଜଣେ ଯୁବତୀଙ୍କୁ ଆଣି ମସାଜ ପାର୍ଲର ଓ ବେଆଇନ କାରବାରରେ ଲଗାଉଥିବା ସାଂଘାତିକ ଅଭିଯୋଗ କରିଛନ୍ତି ଯୁବତୀ। କଟକ ଲିଙ୍କ ରୋଡ ନିକଟରୁ ମଧୁପାଟଣା ଥାନା ପୋଲିସ ଉଦ୍ଧାର କରି ସିଡବ୍ଲୁସିରେ ହାଜର କରିବା ପରେ ଏଭଳି ଚାଞ୍ଚଲ୍ୟକର ବୟାନ ରଖିଛନ୍ତି। ଯୁବତୀଙ୍କ ଅଭିଯୋଗ ଅନୁସାରେ, ଅକ୍ଟୋବର ମାସରେ ସେ ଚାକିରି ଖୋଜୁଥିବା ସମୟରେ ଜଣେ ବାଂଲାଦେଶୀଙ୍କ ସହ ଫେସବୁକରେ ବନ୍ଧୁତା ହୋଇଥିଲା। ସଂପୃକ୍ତ ବ୍ୟକ୍ତି ଚାକିରିର ଲୋଭ ଦେଖାଇ ତାଙ୍କୁ ପ୍ରଥମେ କୋଲକାତା ପରେ ଭୁବନେଶ୍ୱର ଓ କଟକରେ ଆଣି ରଖିଥିଲେ। ଭୁବନେଶ୍ୱରର ଏକ ମସାଜ ପାର୍ଲରରେ ଯୁବତୀଜଣଙ୍କ କିଛି ଦିନ କାମ କରିବା ପରେ ତାକୁ ମାଲିକ ଦରମା ଦେଇନଥିଲେ। କଟକ ଲିଙ୍କ ରୋଡ ନିକଟରୁ ମଧୁପାଟଣା ପୋଲିସ ତାକୁ ଉଦ୍ଧାର କରି ସିଡବ୍ଲୁସିରେ ହାଜର କରିଛି। ସିଡବ୍ଲୁସିର ସୂଚନା ଅନୁସାରେ ଉଦ୍ଧାର ଯୁବତୀ ପ୍ରକୃତରେ ବାଂଲାଦେଶୀ ନା ନାହିଁ ତାହା ଜଣାପଡ଼ିନି। ତାଙ୍କ ପାଖରେ କୌଣସି ପରିଚୟପତ୍ର ନାହିଁ। ପ୍ରକୃତ ପରିଚୟ ଜାଣିବାକୁ ବାଂଲାଦେଶ ଦୂତାବାସ ସହ ଯୋଗାଯୋଗ କରାଯାଇଛି। ନାବାଳିକାଙ୍କ ଅଭିଯୋଗ ବାବଦରେ ପୋଲିସକୁ ମଧ୍ୟ ଅବଗତ କରାଯାଇଥିବା ସିଡବ୍ଲୁସି ସୂଚନା ଦେଇଛି। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଏବେ ତନାଘନା କରୁଛି ପୋଲିସ୍। ଗତ କିଛି ବର୍ଷ ତଳେ ଭୁବନେଶ୍ୱରରୁ ବି ଧରାପଡ଼ିଥିଲେ ବାଂଲା ଯୁବତୀ। ଏବେ ପୁଣି ଏହି ରାକେଟ୍ ବ୍ୟାପିଥିବା ବେଳେ ଏହା ପଛରେ କିଏ ତାକୁ ନେଇ ଅନେକ ସନ୍ଦେହ ଓ ପ୍ରଶ୍ନ ଛିଡ଼ା ହୋଇଛି। ଗତ କିଛି ଦିନ ତଳେ କଟକରୁ ଜଣେ ବାଂଲାଦେଶୀ ଯୁବତୀଙ୍କୁ ଉଦ୍ଧାର କରିଥିଲା ପୋଲିସ୍। ତାଙ୍କୁ ଚାକିରୀ କରାଇ ଦେବାକୁ କହି ବାଂଲାଦେଶରୁ ଓଡ଼ିଶାକୁ ଅଣାଯାଇଥିଲା। ତେବେ ଚାକିରୀ ନୁହେଁ ବରଂ ତାଙ୍କ ସହ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ରହିଛି।

## ମସଜିଦ ହଙ୍ଗାମା ଘଟଣା: ୩ ମୃତ

ଲକ୍ଷ୍ନୌ, ୨୪/୧୧: ୟୁପିର ସମ୍ଭାଲ ଜିଲ୍ଲାର ଶାହି ଜାମା ମସଜିଦ ଉପରେ ହୋଇଥିବା ସର୍ଭେ ବେଳେ ସ୍ଥାନୀୟ ବାସିନ୍ଦା ଏବଂ ପୋଲିସ ମଧ୍ୟରେ ସଂଘର୍ଷ ମଧ୍ୟରେ ତିନି ଜଣଙ୍କର ମୃତ୍ୟୁ ଘଟିଛି ବୋଲି ମୋରବାଦ୍ ବିଭାଗୀୟ କମିଶନର ସୂଚନା ଦେଇଛନ୍ତି। ସ୍ଥାନୀୟ ଅଦାଲତ ଦ୍ୱାରା ନିଯୁକ୍ତ କମିଶନର ଏବଂ ତାଙ୍କ ଦଳର ସଦସ୍ୟ ସକାଳ ୭ ଟା ସମୟରେ ଦ୍ୱିତୀୟ ସର୍ଭେ ପାଇଁ ମସଜିଦ ଭିତରକୁ ପ୍ରବେଶ କରିବା ସମୟରେ ଏହି ଘଟଣା ଘଟିଥିଲା। ସର୍ଭେକାରୀଙ୍କ ଆଗମନରେ ମାଓବାଦୀମାନେ ପଥର ଫିଙ୍ଗିବା ଏବଂ ଯାନବାହାନ ଚଳାଚଳ କରିବା ପରେ ପୋଲିସ ସାମାନ୍ୟ ଲାଠି ଚାର୍ଜ କରିଥିଲା। ପଥର ଫିଙ୍ଗୁଥିବା ଲୋକମାନେ ମସଜିଦ ଆଡକୁ ଯାଉଥିବା ସଂକୀର୍ଣ୍ଣ ରାସ୍ତାରେ ପୋଲିସ ଏବଂ ମିଡିଆ କର୍ମଚାରୀଙ୍କ ଉପରେ ମଧ୍ୟ ଆକ୍ରମଣ କରିଥିଲେ। ଜଣେ ମନ୍ଦିର ପୁରୋହିତ ସ୍ଥାନୀୟ କୋର୍ଟରେ ଏକ ଆବେଦନ ସ୍ଥାନାନ୍ତର କରିବା ପରେ ଏହି ମସଜିଦ ସ୍ଥଳରେ ଏକ ମନ୍ଦିର ଅଛି ବୋଲି ଦାବି କରିବା ପରେ ଏହି ସର୍ଭେ ନିର୍ଦ୍ଦେଶ ଦିଆଯାଇଥିଲା। ସେ ଅଭିଯୋଗ କରିଛନ୍ତି ଯେ ୧୫୨୯ ମସିହାରେ ଶାହି ଜାମା ମସଜିଦ ନିର୍ମାଣ ପାଇଁ ମୁସଲମାନ ଶାସକମାନେ ଏହାକୁ ଭାଙ୍ଗି ଦେଇଥିଲେ।

## ଜାନୁଆରି ୩୧ ସୁଦ୍ଧା ରତ୍ନଭଣ୍ଡାର ମରାମତି, ଗଣତିମଣତି ସରିବ: ପୃଥ୍ୱୀରାଜ ହରିଚନ୍ଦନ



ଭୁବନେଶ୍ୱର, ୨୪/୧୧:ଦିନେ ଦୁଇ ଦିନ ଭିତରେ ରତ୍ନଭଣ୍ଡାରର ମରାମତି କାମ ଆରମ୍ଭ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜାନୁଆରି ୩୧ ସୁଦ୍ଧା ରତ୍ନଭଣ୍ଡାରର ମରାମତି ଓ ଗଣତିମଣତି କାମ ଶେଷ ହେବ। ତାପରେ ଅସ୍ଥାୟୀ ରତନଭଣ୍ଡାରୁ ଅଳଙ୍କାର ଅଣାଯାଇ ସୁରକ୍ଷିତ ପରିବେଶରେ ରଖାଯାଇ ଗଣତିମଣତି କରାଯିବ। ଜାନୁଆରି ୩୧ ସୁଦ୍ଧା ରତ୍ନଭଣ୍ଡାରର ମରାମତି ଓ ଗଣତିମଣତି କାମ ଶେଷ ହେବ। ତାପରେ ଅସ୍ଥାୟୀ ରତନଭଣ୍ଡାରୁ ଅଳଙ୍କାର ଅଣାଯାଇ ସୁରକ୍ଷିତ ପରିବେଶରେ ରଖାଯାଇ ଗଣତିମଣତି କରାଯିବ। ରତ୍ନଭଣ୍ଡାର ଗଣତିମଣତି ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଗରୁ କହିଥିଲେ, କାର୍ତ୍ତିକ ମାସରେ ଭକ୍ତଙ୍କ ପ୍ରବଳ ଭିଡ଼ ହେତୁ ଏଏସଆଇ ରତ୍ନଭଣ୍ଡାରର ମରାମତି କାମ କରିପାରିନଥିଲା। ହେଲେ ଏବେ ମରାମତି କାମ ଆରମ୍ଭ ହେବ। ଏନେଇ ଏଏସଆଇ ପକ୍ଷରୁ ପ୍ରସ୍ତୁତି ସରିଛି। ମୁଁ ଆଶା କରୁଛି, ଜାନୁଆରି ଶେଷ ସୁଦ୍ଧା ସରିବ ରତ୍ନଭଣ୍ଡାର ଗଣତିମଣତି। ସୂଚନାଯୋଗ୍ୟ, ରତ୍ନଭଣ୍ଡାର ଗଣତିମଣତି ପାଇଁ ଏସଓପି ପ୍ରସ୍ତୁତ ସରିଥିଲା। ଏଏସଆଇ ମରାମତି କରି ସାର୍ଟିଫିକେଟ୍ ଦେବା ପରେ ଗଣତିମଣତି ହେବ। ମରାମତି ଏମିତି ହେବା ଦରକାର, ଯେମିତି ୧୦୦ ବର୍ଷ ପାଇଁ ଆବଶ୍ୟକ ପଡ଼ିବନି। ମରାମତିରେ ବ୍ରେକର ଲାଗି ପାରିବନି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏସଓପି ଗୋପନୀୟ। ଏଣୁ ଏହାକୁ ପ୍ରକାଶ କରାଯାଇ ପାରିବ ନାହିଁ। ଠାକୁରଙ୍କ ଯେତିକି ସମ୍ପତ୍ତି ଅଛି, ତାହା ସୁରକ୍ଷିତ ରହିବା ଦରକାର ବୋଲି କୁହାଯାଇଥିଲା।

# ମହିଳା ଇଞ୍ଜିନିୟରଙ୍କୁ ଠକିଦେଲା ଦରିଆପାରି ବନ୍ଧୁ

ଭୁବନେଶ୍ୱର,୨୪/୧୧: ପୁଣି ଏକ ସାଇବର ଠକର ଚକ୍ରବ୍ୟୂହରେ ଫସିଛନ୍ତି ଜଣେ ମହିଳା ଇଞ୍ଜିନିୟର। ଦରିଆପାରି ବିଦେଶୀ ବନ୍ଧୁ ବେଶରେ ସାଇବର ଠକ ରଚିଥିବା ଚକ୍ରବ୍ୟୂହରେ ଫସି ମହିଳା ଇଞ୍ଜିନିୟରଙ୍କ ୩୦ ଲକ୍ଷ ଟଙ୍କା ଉଡ଼ିଯାଇଛି। ଯୁକ୍ତରାଷ୍ଟ୍ର ଆମେରିକାରୁ ଆସିଥିବା ୮୦ଲକ୍ଷ ଭାରତୀୟ ମୁଦ୍ରାର ବିଦେଶୀ କରେନ୍ସି ପାଇବା ଲୋଭରେ ଓଡ଼ିଆ ଯୁବତୀଜଣକ ସାଇବର ଠକ ର୍ୟାକେଟ୍କୁ ୩୦ ଲକ୍ଷ ଟଙ୍କା ଗଣିଦେଇଛନ୍ତି। ଠକାମିର ଶିକାର ହେବା ଜାଣିବା ପରେ ସେ ସାଇବର ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ ଏହି ଓଡ଼ିଆ ଯୁବତୀଜଣକ ପଟିଆ ଅଞ୍ଚଳସ୍ଥିତ ଏକ କର୍ପୋରେଟ୍ କମ୍ପାନିରେ ସଫ୍ଟୱେୟାର ଇଞ୍ଜିନିୟର ଭାବେ କାର୍ଯ୍ୟରତ। ସୋସିଆଲ୍ ମିଡିଆ ଜରିଆରେ ଏକଦା ଯୁକ୍ତରାଷ୍ଟ୍ର ଆମେରିକାର ଜଣେ ଯୁବ ଇଂଜିନିୟ?ଙ୍କ ସହ ତାଙ୍କର ପରିଚିତି ହୋଇଥିଲା। କିନ୍ତୁ ସେ ହିଁ ସାଇବର ଠକ ର୍ୟାକେଟ୍ର ମାଷ୍ଟରମାଇଣ୍ଡ ବୋଲି ଯୁବତୀ ବୁଝିପାରିନଥିଲେ। କିଛି ଦିନ ପରେ ସେମାନଙ୍କ ମଧ୍ୟରେ ନିବିଡ଼ତା ବଢ଼ିଥିଲା। ହଠାତ୍ ଦିନେ ସେହି ଆମେରିକୀୟ ବନ୍ଧୁ ଏକ ଉପହାର ପଠାଇଛନ୍ତି ବୋଲି ଯୁବତୀଙ୍କୁ କହିଥିଲେ। ଏକ ସରପ୍ରାଇଜ୍ ଗିଫ୍ଟ ଥିବା ପାର୍ସଲ୍ଟି ଖୁବ୍ଶୀଘ୍ର ତାଙ୍କ ନିକଟରେ ପହଞ୍ଚିବ ବୋଲି ଧୂର୍ତ୍ତ କହିଥିଲା। ଯୁବତୀ ସେହି ସରପ୍ରାଇଜ୍ ଗିଫ୍ଟକୁ ବଡ଼ ଆଗ୍ରହର ସହ ଅପେକ୍ଷା କରିଥିବା ବେଳେ ହଠାତ୍ ଦିନେ ତାଙ୍କ ପାଖକୁ ଏକ କଲ୍ ଆସିଲା। ମୁମ୍ବାଇ କଷ୍ଟମ୍ସ୍ ଅଧିକାରୀ ବୋଲି ପରିଚୟ ଦେଇ ଫୋନ୍ କରିଥିବା ବ୍ୟକ୍ତି କହିଲା ଯେ ଆମେରିକାରୁ ଆସିଥିବା ପାର୍ସଲ୍କୁ ଯାଞ୍ଚ କରିବା ପରେ ସେଥିରେ ବିଦେଶୀ କରେନ୍ସି ଥିବା ଜଣାପଡ଼ିଛି। ଭାରତୀୟ ମୁଦ୍ରାରେ ତାହାର ମୂଲ୍ୟ ୮୦ ଲକ୍ଷ ଟଙ୍କା। ବେଆଇନ ଭାବେ ଆମେରିକାରୁ ଆସିଥିବା ପାର୍ସଲ୍କୁ ମୁମ୍ବାଇ ବିମାନବନ୍ଦରରେ ଜବତ କରାଯାଇଛି ଏବଂ ଏଥିପାଇଁ ବିଭିନ୍ନ ଟିକସ ଜମା କରିବା ପରେ ହିଁ ପାର୍ସଲ୍ଟି ତାଙ୍କ ପାଖକୁ ଯାଇପାରିବ ବୋଲି ସେ କହିଥିଲେ। କିନ୍ତୁ ସେ ମଧ୍ୟ ସାଇବର ଠକ ର୍ୟାକେଟ୍ର ଅନ୍ୟତମ ସଦସ୍ୟ ବୋଲି ଯୁବତୀ ବୁଝିପାରିନଥିଲେ। ଏହି ନକଲି କଷ୍ଟମ୍ସ୍ ଅଧିକାରୀର ଫୋନ୍ ପାଇବା ପରେ ଯୁବତୀଜଣକ ତାଙ୍କ ଦରିଆପାରି ପୁରୁଷବନ୍ଧୁଙ୍କୁ ଫୋନ୍ କରି ପଚାରିଥିଲେ। ସରପ୍ରାଇଜ୍ ଗିଫ୍ଟଟି ମୂଲ୍ୟହୀନ ହୋଇଗଲା ବୋଲି ଆମେରିକୀୟ ବନ୍ଧୁ ଦୁଃଖପ୍ରକାଶ କରିବା ସହ ପାର୍ସଲ୍କୁ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଏହାପରେ ଯୁବତୀ ନକଲି କଷ୍ଟମ୍ସ୍ ଅଧିକାରୀଙ୍କୁ ଟିକସ ବାବଦରେ ପଚାରିଥିଲେ। ନକଲି କଷ୍ଟମ୍ରସ୍ ଅଧିକାରୀ ତାଙ୍କୁ ଏଭଳି ବେଆଇନ କାରବାର ପାଇଁ ଜରିମାନା ସହ ୩୦ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲା। ୮୦ ଲକ୍ଷ ଲୋଭରେ ଯୁବତୀ ୩୦ ଲକ୍ଷ ଟଙ୍କା ଦେବାକୁ ରାଜି ହୋଇଥିଲେ ଏବଂ ନକଲି କଷ୍ଟମ୍ରସ୍ ଅଧିକାରୀ ଦେଇଥିବା ୟୁପିଆଇରେ ୩୦ ଲକ୍ଷ ଟଙ୍କା ଜମା କରିଦେଲେ। ଏହାପରେ ହଠାତ୍ ତାଙ୍କ ବିଦେଶୀ ବନ୍ଧୁଙ୍କ ନମ୍ବର ସୁଇଚ୍ ଅଫ୍ ହୋଇଯାଇଥିଲା। ଏମିତିକି ସୋସିଆଲ୍ ମିଡିଆରୁ ତାଙ୍କ ଆକାଉଣ୍ଟ ଉଭାନ୍ ହୋଇଯାଇଥିଲା। ଯୁବତୀଜଣକ କଷ୍ଟମ୍ସ୍ ଅଧିକାରୀଙ୍କୁ ବି ଫୋନ୍ କରିଥିଲେ। ମାତ୍ର ତାହା ବି ଇନ୍ଭ୍ୟାଲିଡ୍ ନମ୍ବର ବୋଲି କୁହାଯାଇଥିଲା।



## ସଂପାଦକୀୟ

# ବିଦ୍ୟାଳୟ ଶିକ୍ଷାର ନବ କଳେବର

ଶିକ୍ଷା ହେଉଛି ଗୋଟିଏ ଦେଶର ସମୃଦ୍ଧି ଓ ବିକାଶର ମାନଦଣ୍ଡ। ଯେଉଁ ଜାତି ଯେତେ ଅଧିକ ସଭ୍ୟ ଓ ଶିକ୍ଷିତ, ତାହା ସେତିକି ବିକଶିତ ଜାତି ରୂପେ ଗଣ୍ୟ ହୋଇଥାଏ। ସ୍ୱାଧୀନତା ପ୍ରାପ୍ତି ପରେ ଆମ ଦେଶ ଶିକ୍ଷା କ୍ଷେତ୍ରରେ ଯଥେଷ୍ଟ ପ୍ରଗତି ହାସଲ କରିଥିଲେ ମଧ୍ୟ ଆହୁରି ଅନେକ କାର୍ଯ୍ୟ କରିବାକୁ ବାକି ରହିଛି। ଶିକ୍ଷାର ମୂଳଦୂଆ ବିଦ୍ୟାଳୟରୁ ହିଁ ପଡିଥାଏ ଏବଂ ଯେଉଁ ଛାତ୍ରଛାତ୍ରୀ ମୂଳରୁ ଭଲ ପାଠ ପଢ଼ି ସଫଳତା ପାଆନ୍ତି, ସେମାନେ ଭବିଷ୍ୟତରେ ନିଜ ଜୀବନକୁ ଗଢ଼ିବାରେ ସକ୍ଷମ ହୋଇଥାନ୍ତି। ସେହି ଦୃଷ୍ଟିରୁ ବିଦ୍ୟାଳୟ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଓଡିଶା ସରକାର ଗତ କିଛି ବର୍ଷ ହେଲା ବିଦ୍ୟାଳୟ ସ୍ତରରେ ଶିକ୍ଷାର ମାନବୃଦ୍ଧି ନିମନ୍ତେ ଅନେକ ଗୁଡିଏ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଉନ୍ନତ ମାନର ଶିକ୍ଷାଦାନ ପାଇଁ ଅଳ୍ପ କିଛି ବର୍ଷ ତଳେ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରା ଯାଇଥିଲା। ପରବର୍ତ୍ତୀ ସମୟରେ 'ମୋ ସ୍କୁଲ୍' ନାମରେ ଏକ ଅଭିନବ ଯୋଜନାର ଶୁଭାରମ୍ଭ କରାଗଲା, ଯଦ୍ଦ୍ୱାରା ସମାଜରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିମାନେ ଅତୀତରେ ନିଜେ ଶିକ୍ଷା ଲାଭ କରିଥିବା ବିଦ୍ୟାଳୟର ଉନ୍ନତିକରଣରେ ସାମିଲ ହେବାର ସୁଯୋଗ ପାଇ ପାରିଛନ୍ତି। ପୁରାତନ ଛାତ୍ରଛାତ୍ରୀମାନେ ମିଳିତ ଭାବରେ ନିଜ ବିଦ୍ୟାଳୟର ପ୍ରଗତି ନିମନ୍ତେ ଯେତିକି ଅର୍ଥ ପ୍ରଦାନ କରୁଛନ୍ତି, ରାଜ୍ୟ ସରକାର ତାହାର ଦୁଇଗୁଣ ଅର୍ଥ ମଞ୍ଜୁର କରିବା ଲାଗି ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ବିଦ୍ୟାଳୟଗୁଡିକର ଭିତ୍ତିଭୂମି ବିକାଶ ସମ୍ଭବପର ହୋଇ ପାରୁଛି। ଏଇ ନିକଟରେ ୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ମାଧ୍ୟମିକ ବିଦ୍ୟାଳୟ ଗୁଡିକର ସର୍ବାଙ୍ଗୀନ ବିକାଶ ପାଇଁ ଏକ ବଡ ଅଭିଯାନ ଆରମ୍ଭ ହୋଇଛି। ଗତ ଅଗଷ୍ଟ ମାସରେ ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁରୁ ଏହି ଯୋଜନାର ଶୁଭାରମ୍ଭ କରା ଯାଇଥିବା ସ୍ଥଳେ ତିନି ଦିନ ପୂର୍ବେ ଯାଜପୁରରେ ଏହାର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସାରା ରାଜ୍ୟରେ ୩୦ଟି ଜିଲ୍ଲାର ୧୦୭୮ଟି ବିଦ୍ୟାଳୟର ରୂପାନ୍ତର କାର୍ଯ୍ୟ ଶେଷ ହୋଇଥିବା ସ୍ଥଳେ ଦ୍ୱିତୀୟ ପର୍ଯ୍ୟାୟରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ୨୦୨୨ ମାର୍ଚ୍ଚ ୫ ତାରିଖ ସୁଦ୍ଧା ୩୩୬୫ଟି ବିଦ୍ୟାଳୟ ରୂପାନ୍ତରିତ ହେବ। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ବିଦ୍ୟାଳୟ ରୂପାନ୍ତରୀକରଣ ଅଭିଯାନ ମାଧ୍ୟମରେ ରାଜ୍ୟ ସରକାରଙ୍କ ବହୁଚର୍ଚ୍ଚିତ ୫-ଟି କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ଭବପର ହୋଇ ପାରୁଛି। ଟେକ୍ନୋଲୋଜି, ଟିମ୍ ୱାର୍କ, ଟାଇମ୍, ଟ୍ରାନସ୍‌ପାରେନ୍ସି ଓ ଟ୍ରାନ୍ସଫର୍ମେସନ ଏହି ପାଞ୍ଚଟି ଲକ୍ଷ୍ୟ ହାସଲକୁ ୫-ଟି ଆଖ୍ୟା ଦିଆ ଯାଇଛି। ସରକାରଙ୍କ ବିଦ୍ୟାଳୟ ରୂପାନ୍ତରୀକରଣ ଅଭିଯାନ ଦ୍ୱାରା ସ୍ମାର୍ଟ ଶ୍ରେଣୀ ଗୃହ, ଇ-ଲାଇବ୍ରେରୀ, କମ୍ପ୍ୟୁଟର, ଆଧୁନିକ ବିଜ୍ଞାନଗାରର ସୁବିଧା ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପାଞ୍ଚଟି ଜିଲ୍ଲାର ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ସିଧାସଳଖ ବାର୍ତ୍ତାଳାପ କରି ବିଦ୍ୟାଳୟ ରୂପାନ୍ତର ସମ୍ପର୍କରେ ନିଜ ନିଜର ମନର କଥା ଓ ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। 'ମୋ ସ୍କୁଲ' କାର୍ଯ୍ୟକ୍ରମରେ ୨୩ଟି ଜିଲ୍ଲା ପାଇଁ ମୋଟ ୧୭ କୋଟି ୭୯ ଲକ୍ଷ ଟଙ୍କାର ପ୍ରକଳ୍ପକୁ ସରକାରଙ୍କ ଅନୁମୋଦନ ମିଳିଛି। ଏହି କାର୍ଯ୍ୟକ୍ରମ ସ୍କୁଲର ପୂରାତନ ଓ ନୂତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂଯୋଗର ସେତୁ ଭଳି କାର୍ଯ୍ୟ କରୁଛି ଏବଂ ସ୍କୁଲର ବିକାଶ ଯୋଜନାରେ ଗୋଷ୍ଠୀ ଭାଗିଦାରିତା ମନୋଭାବକୁ ପ୍ରୋତ୍ସାହନ ଦେଉଛି। ତେବେ 'ମୋ ସ୍କୁଲ' ହେଉ କିମ୍ବା ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ହେଉ, ଏ ସବୁ କେବଳ ସହରାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ସୀମିତ ନ ରହି ନିପଟ ଗ୍ରାମାଞ୍ଚଳରେ ଥିବା ବିଦ୍ୟାଳୟ ଗୁଡିକରେ ଠିକ ଭାବରେ କାର୍ଯ୍ୟକାରୀ ହେବା ଉଚିତ। ପିଲାମାନେ ଯେପରି ଅଧାରୁ ପାଠପଢ଼ା ଛାଡି ଦେଉଛନ୍ତି, ତାହା ବର୍ତ୍ତମାନ ଚିନ୍ତାର କାରଣ ହୋଇଛି। ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଡ୍ରପ୍ ଆଉଟ ହାର ଅଧିକ ରହୁଛି। ତେଣୁ ଅନୁନ୍ନତ ଆଦିବସୀ ବହୁଳ ଅଞ୍ଚଳରେ ବିଦ୍ୟାଳୟ ଶିକ୍ଷାର ପ୍ରସାରକୁ ଅଗ୍ରାଧିକାର ଦିଆଯିବା ବିଜ୍ଞତାର କାର୍ଯ୍ୟ ହେବ।

# ମାତୃଭାଷା:ମା'ର ଭାଷା- ପ୍ରାଣର ଭାଷା

କୁହାଯାଏ ମାତୃଭାଷା ମା'ର ଭାଷା - ପ୍ରାଣର ଭାଷା । ମାତୃଭାଷା ସହିତ ପ୍ରତ୍ୟେକ ମଣିଷର ନାଡିର ସମ୍ପର୍କ ରହିଛି । ଏଣୁ ମାତୃଭାଷାର ପ୍ରସାର ଓ ପ୍ରଚାର ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତିର ବାତାବରଣ ସୃଷ୍ଟି କରିଥାଏ । ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲେ । ଭାଷା ହେଲା ଓଡିଆ, ଜାଗା ହେଲା ଓଡ଼ିଶା । ଦୁଇ ଦୁଇ ଥର ସରକାରୀ ଉଦ୍ୟମ ପରେ ବି ଓଡିଆ ଭାଷା ରାଜଭାଷା ହୋଇପାରିନଥିଲା । ଦୀର୍ଘ ୬୨ବର୍ଷ ପ୍ରତୀକ୍ଷାର ଅବସାନ ଘଟିଲା ୨୦୧୬ ମସିହା ମେ ୨୧ ତାରିଖରେ । ଯେଉଁଦିନ ସରକାରୀ ସ୍ତରରେ ସବୁକାମ ଓଡିଆରେ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ନିଷ୍ପତି ହୋଇଥିଲା। ସେହିପରି ରାଜ୍ୟ ସରକାର ୧୯୫୪ଭାଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନେବାସହିତ ୨୦୧୮ ମସିହା ଏପ୍ରିଲ ପହିଲା ଉତ୍କଳ ଦିବସରୁ ସାରା ରାଜ୍ୟରେ ଓଡିଆ ଭାଷାରେ ସବୁ ସରକାରୀ କାର୍ଯ୍ୟକ୍ରମ ହେବ ବୋଲି ଗତ ୨୦୧୭ ମସିହା ଡିସେମ୍ବର ୨୬ ତାରିଖରେ ପୁରୀ ଠାରେ ମୁଖ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବ୍ୟଠକରେ ଗୁରୁତ୍ୱ ପୁର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ସେତେବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ଭାଷା ସୁରକ୍ଷା ଆନ୍ଦୋଳନ ଚଳାଇଥିବା ବିଭିନ୍ନ ସଂଗଠନ ସ୍ୱାଗତ କରାଯାଇଥିଲା।

ସମୀକ୍ଷକମାନଙ୍କ ମତରେ ଏବେ ବିଶ୍ୱରେ ପ୍ରାୟ ୬ ରୁ ୭ ହଜାର ଭାଷା ରହିଛି । କିନ୍ତୁ ଆଗାମୀ ଏକବିଂଶ ଶତାବ୍ଦୀ ଶେଷ ସୁଦ୍ଧା ହୁଏତ ଏଥିରୁ ୯୦ ଭାଗ ଭାଷାର ଅସ୍ତିତ୍ୱ ଲୋପ ପାଇବ । କାରଣ ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅର୍ଦ୍ଧେକ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି ଯଥା - ଚୀନ, ସ୍ପେନିଶ୍,ଇଂରାଜୀ, ହିନ୍ଦି,ରୁଷ୍, ବଙ୍ଗଳା, ଆରବୀ ଓ ପର୍ତ୍ତୁଗୀଜ । ଏପରିସ୍ଥଳେ ଭାଷାର ସୁରକ୍ଷା ପାଇଁ ପ୍ରତ୍ୟେକ ଦେଶ ନିଜକୁ ପ୍ରସ୍ତୁତ କରୁଛନ୍ତି । ଏହି କଥାକୁ ଲକ୍ଷ୍ୟ ରଖି "ୟୁନେସ୍କୋ" ତରଫରୁ ୨୦୦୦ ମସିହାରୁ ଫେବୃଆରୀ ୨୧ ତାରିଖକୁ ଆନ୍ତର୍ଜାତିକ ମାତୃଭାଷା ଦିବସ ରୂପେ ପାଳନ କରାଯାଉଛି । ନିକଟରେ ଆନ୍ତର୍ଜାତିକ ମାତୃଭାଷା ଦିବସ ସାରା ବିଶ୍ୱରେ ପାଳିତ ହୋଇଯାଇଛି। ଉଦ୍ଦେଶ୍ୟ ହେଲା ବିଶ୍ୱରେ ଭାରତ ପରି ବହୁଭାଷାଭାଷୀ ଦେଶରେ ପ୍ରତ୍ୟେକ ରାଜ୍ୟ ତା'ର ମାତୃଭାଷାକୁ ସମଭାବରେ ସମ୍ମାନ ଦେଲେ ରାଜ୍ୟରାଜ୍ୟ ମଧ୍ୟରେ ତଥା ଦେଶରେ ସ୍ନେହ, ଭାଇଚାରା ଓ ସ୍ୱଦେଶପ୍ରେମ ଜାଗ୍ରତ ହେବ । ଏପରି ହେଲେ ରାଜ୍ୟର ସମୃଦ୍ଧି ହେବ ଓ ସାମଗ୍ରିକ ଭାବେ ଦେଶର ମଧ୍ୟ ସମୃଦ୍ଧି ହେବ ।

୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା । ବହୁ ଘାତ ପ୍ରତିଘାତ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ,ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ଉଦ୍ୟମ ଫଳରେ ଓଡିଆ ଭାଷାଭାଷୀ

**ହିମାଂଶୁ ଶେଖର ଆଚାର୍ଯ୍ୟ**

ଅଞ୍ଚଳକୁ ନେଇ ଏକ ସ୍ୱପ୍ନ ସାକାର ହେଲା । ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୨ ବର୍ଷ ପରେ ବି ଦିନକୁ ଦିନ ଆମ ଭାଷାର ଅବକ୍ଷୟ ଘଟୁଛି । ଆମ ଭାଷା ପ୍ରତି ଆମର ମମତା ନାହିଁ, ନାହିଁ ମଧ ଆନ୍ତରିକତା । ଭାଷାର ପ୍ରସାର ପ୍ରଚାର ଦୂରର କଥା, ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ପତ୍ରପତ୍ରିକା, ନାଟକ, ଉପନ୍ୟାସ, ଗଳ୍ପ ଓ କବିତା କଥା ପଚାରେ କିଏ ? ହିନ୍ଦୀ, ବଙ୍ଗଳା, ଇଂରାଜୀ ପତ୍ରପତ୍ରିକା ପ୍ରେମରେ ଆମେ ପଡିଯାଇଛୁ । ଅଥଚ ଓଡିଆ ସାହିତ୍ୟ ଭାରତବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ । ଏ ମାଟିର କବି ସାରଳା ଦାସ ମହାଭାରତ ଲେଖି ବେଦବ୍ୟାସ ପାଲଟି ଯାଇଛନ୍ତି । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, ବଳରାମ ଦାସଙ୍କ ସୃଷ୍ଟି ସମ୍ଭାର ଭାରତୀୟ ଭାଷା ସାହିତ୍ୟରେ ଦୁର୍ଲଭ । ଏମାନେ ହିଁ ଓଡିଆ ସାହିତ୍ୟର ରକ୍ଷାକାରୀ । କଥା ସମ୍ରାଟ ଫକୀରମୋହନ, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ପଦ୍ମଭୂଷଣ ଗୋପୀନାଥ ମହାନ୍ତି, ସ୍ୱଭାବ କବି ଗଂଗାଧର ମେହେରଙ୍କ ସୃଷ୍ଟି ସମ୍ଭାର ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି, ଏହା ଅନସ୍ୱୀକାର୍ଯ୍ୟ ।

ଏକ ତଥ୍ୟ ମୁତାବକ, ସମଗ୍ର ଓଡିଶାରେ ୫୮ ପ୍ରକାର କଥିତ ଭାଷା ପ୍ରଚଳିତ ଅଛି । ତେବେ ଓଡିଶାରେ ଓଡିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ରାଜ୍ୟର ପ୍ରାନ୍ତୀୟକ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀମାନଙ୍କର ନିଜସ୍ୱ ଭାଷା ଯଥା - ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟ, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲଗୁ ଆଦି ଭାଷା ମଧ ବ୍ୟବହୃତ ହୁଏ । ପରିବର୍ତ୍ତିତ ପରିସ୍ଥିତିରେ ଭାଷାର ପ୍ରସାର ପ୍ରଚାର ତ ଦୂରର କଥା ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି । ମା'ର ଭାଷା, ମାଟିର ଭାଷା ଆମପାଇଁ ଅଲୋଡା ହୋଇଯାଇଛି । ମାହାତ୍ମାଗାନ୍ଧୀ କହିଥିଲେ, "ଜଣେ ଭାରତବାସୀ ନିଜ ମାତୃଭାଷା ଭୁଲିଯିବା, ଅବହେଳା କରିବା ବା ନିଜର ମାତୃଭାଷା ବ୍ୟବହାର କରୁଛି ବୋଲି ଲଜ୍ଜା ଅନୁଭବ କରିବା, ନିଜ ମାତୃଭାଷାରେ ଶ୍ରେଷ୍ଠ ଚିନ୍ତା ପ୍ରକାଶ କରିବାକୁ ଅସମର୍ଥ ହେବା ଏକଥା ମୁଁ ସେମାନଙ୍କୁ ଅନୁଭବ କରିବାକୁ ଦେବିନାହିଁ" । ଜାପାନ ଓ ଚୀନ ଦେଶରେ ମାତୃଭାଷାରେ ସବୁକାର୍ଯ୍ୟ ଚାଲିଛି । ସେହି ଦୁଇଦେଶ ଆଜି ବିଜ୍ଞାନ, ଅର୍ଥ, ପ୍ରଯୁକ୍ତି ବିଦ୍ୟା, ସାହିତ୍ୟ ସବୁଦିଗରେ ବିଶ୍ୱ ଦରବାରରେ ନିଜକୁ ପ୍ରତିଷ୍ଠା କରିସାରିଲେଣି । ସେମାନଙ୍କ ଠାରୁ ଆମକୁ ବହୁତ କିଛି ଶିଖିବାର ଅଛି।

୨୦୧୪ ମସିହା ମାର୍ଚ୍ଚ ୧୧ତାରିଖ ଦିନ ଆମ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା। ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଓଡିଆ ହେଉଛି ଷଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟ ଭାଷା । ଇତି ମଧ୍ୟରେ ଶାସ୍ତ୍ରୀୟ ମାନ୍ୟତା ପାଇବା ୭ ବର୍ଷ ଅତିକ୍ରାନ୍ତ ହେଲାଣି। ଏହି ସମୟ ମଧ୍ୟରେ ଆମ ଭାଷାର ସ୍ଥିତି ଓ ପ୍ରଗତି କେତେ ଦୂର ଆଗେଇଛି ତାହା ସମୀକ୍ଷା କରିବାର ସମୟ ଆସିଛି। ଖାଲି ସରକାରୀ ମାନ୍ୟତା ପାଇଗଲେ ଭାଷାର ଅଭିବୃଦ୍ଧି ଓ ସଂରକ୍ଷଣ ହୋଇପାରିବ ଏହା ଭାବିବା ଠିକ ନୁହେଁ ।ଭାଷା ପ୍ରତି ଆମ ହୃଦୟରେ ମମତା ରହିଲେ ଏହାପତି ଆମର ଆଦର ଭାବ ବଢିବ। ସବୁଠୁ ବଡକଥା ହେଉଛି ମୁଁ ଓଡିଆ, ମୋ ଭାଷା ଓଡିଆ ଏବଂ ମୁଁ ଏହାକୁ କହିବାରେ, ଲେଖିବାରେ ଗର୍ବ ଅନୁଭବ କରେ ଏ ଭାବନା ଆମ ଭିତରେ ଉଦ୍ରେକ ହେବା ଦରକାର। ଏଥିପାଇଁ ଆମକୁ ମାନସିକ ସ୍ତରରେ ହୀନମନ୍ୟତା ପରିହାର କରିବାକୁ ପଡିବ।ବ୍ୟସକବି ଫକୀର ମୋହନଙ୍କ ଭାଷାରେ- "ଭାଷା ଯେ ଜୀବନୀ ଶକ୍ତି ଜାତି ମାନଙ୍କର, ଯେଉଁ ଜାତି ଭାଷା ହୀନ ସେ ଜାତି ବର୍ବର"।

# ଚୀନ୍‌ର ଋଣଯନ୍ତା

ଚୀନର ବିଦେଶୀ ବାଣିଜ୍ୟର ଏକ ବଡଅଂଶ ଆଫ୍ରିକା ମହାଦେଶ ସହ ଯୋଡି ହୋଇ ରହିଛି । ଆଫ୍ରିକାର ଦେଶଗୁଡିକରେ ଚୀନ ବହୁ ଋଣ ପ୍ରଦାନ କରିଛି । ୨୦୨୧-୨୫ ମଧ୍ୟରେ ଏହିସବୁ ରାଷ୍ଟ୍ରଗୁଡିକୁ ଋଣ ସୁଝିବା ପାଇଁ ୨୮୫ ବିଲିଅନ ଡଲାର ଆବଶ୍ୟକ ହେବ ବୋଲି ବିଶ୍ୱ ମୁଦ୍ରାପାଣ୍ଠି ପ୍ରକାଶ କରିଛି । ଏହି ମହାଦେଶର ୩୨ଟି ଦେଶ ଚୀନା ଋଣଜାଲରେ ପଡିଛନ୍ତି । ଚୀନ ପୃଥିବୀର ୭୨ଟି ଦୁର୍ବଳ ଦେଶକୁ ଋଣ ଦେଇଥିଲା ବେଳେ କେବଳ ଆଫଗାନିସ୍ଥାନ, ଭୁଟାନ, କୋସୋଭୋ, ମାଲଡୋଭା, ତିମୋର-ଲିଷ୍ଟେ ଋଣ ନେଇ ନାହାନ୍ତି । କେନ୍ଦ୍ର ଆଫ୍ରିକାର ୧୮ ପ୍ରତିଶତ, କେନିଆରେ ୨୭ ପ୍ରତିକାର, ମୋଜାମ୍ବିକର ୧୮ ପ୍ରତିଶତ, ଜିମ୍ବାୱେର ୨୫ ପ୍ରତିଶତ, ଜାମ୍ବିଆର ୨୬ ପ୍ରତିଶତ ଋଣ କେବଳ ଚୀନ ପ୍ରଦତ୍ତ ଜିବୋତି (୫୭%), ଟୋଙ୍ଗା (୫୬%), କଙ୍ଗୋ (୪୫%), କାମେରୁନ (୩୨%), ଇଥିଓପିଆ (୩୨%) ଚୀନରୁ ମଧ ବହୁ ପରିମାଣର ଋଣ ନେଇଛନ୍ତି । ଯେଉଁଥିପାଇଁ କୋରୋନା କାଳରେ ଏହିସବୁ ଦେଶ ଋଣ ଛାଡ କିମ୍ବା ସୁଧ ଛାଡିବା ପାଇଁ ଯୁକ୍ତି ବାଢିବାସହ ପ୍ରକଳ୍ପଗୁଡିକ ବନ୍ଦ କରିବାକୁ ବାଧ ହୋଇଛନ୍ତି । ଘାନାରେ ଚୀନର ବେଜିଂ ଏଭ୍ରିୱେ ଟ୍ରାଫିକ୍ ଏଣ୍ଡ ଲାଇଟିଂ କମ୍ପାନୀ ଦେଶର ଟ୍ରାଫିକ୍ ବ୍ୟବସ୍ଥାକୁ ଠିକଣା କରିବାକୁ ଠିକା ନେଇ ଏବେ ୫୫ ମିଲିଅନ ଡଲାର ପାଇବାକୁ ଦାବି କରୁଛି, ଯାହାକୁ ଘାନା ସରକାର ଦେବାକୁ ଅସମର୍ଥ ହୋଇଛନ୍ତି । ସେମିତି ବର୍ତ୍ତମାନର କଙ୍ଗୋ ରାଷ୍ଟ୍ରପତି ଫେଲିକ୍ସ ସିସେକେଡି ୨୦୦୮ରେ ଚୀନ ସହ ହୋଇଥିବା ଖଣି ଉତ୍‌ଖନନ ରାଜିନାମାର ସମୀକ୍ଷା କରିବାକୁ କହିଛନ୍ତି । ୨୦୦୮ରେ ଜୋସେଫ କାବିଲା କଙ୍ଗୋର ରାଷ୍ଟ୍ରପତି ଥିଲାବେଳେ ଚୀନା କମ୍ପାନୀ ସିନୋ ହାଇଡ୍ରୋ କର୍ପ ଏବଂ ଚୀନ ରେଲୱେ ଗ୍ରୁପ ସହ ସଡକ ନିର୍ମାଣ, ସେତୁ ଓ ଡାକ୍ତରଖାନା ନିର୍ମାଣ ପାଇଁ ବୁଝାମଣା ହୋଇଥିଲା । ପ୍ରକଳ୍ପର ସ୍ୱରୂପ ଏବେ ଦେଖିବାକୁ ମିଳୁନାହିଁ । ଋଣର ସୁଧହାର ଅଧିକ ରହିଥିବା ନେଇ ଦେଶରେ ଅଭିଯୋଗ ଉଠିଛି । ସେମିତି ୨୦୨୦ ଜୁଲାଇଲେ କେନିଆର ଏକ ଉଚ୍ଚ ଅଦାଲତ ଚୀନ ସହ ହୋଇଥିବା ୩.୨ ବିଲିଅନ ଡଲାର ବୁଝାମଣାକୁ ନିଜ ରାୟରେ ଅକାମୀ କରିଥିଲେ । ଷ୍ଟାଣ୍ଡାର୍ଡ ଗଜ୍ ରେଳପଥ ନିର୍ମାଣ ପାଇଁ ହୋଇଥିବା ପ୍ରକଳ୍ପକୁ ଅଦାଲତ ବେଆଇନ ଘୋଷଣା କରିଥିଲେ । ୨୦୧୧ରୁ ୨୦୨୦ ମଧ୍ୟରେ ଚାଇନା ଡେଭଲପମେଣ୍ଟ ବ୍ୟାଙ୍କ ଆଙ୍ଗୋଲାକୁ ୯୦ ପ୍ରତିଶତ ଋଣ ପ୍ରଦାନ କରିଛି, ଯାହା ସୁଝିବାକୁ ଆଙ୍ଗୋଲା ଆଦୌ ସମର୍ଥ ହେଲାପରି ଜଣାପଡୁନାହିଁ । ୨୦୦୦ରୁ ୨୦୧୯ ମଧ୍ୟରେ ଆଫ୍ରିକାରେ ମୋଟ ୧୦୪୧ଟି ପ୍ରକଳ୍ପ ପାଇଁ ଚୀନା ନିବେଶକମାନେ ବୁଝାମଣା କରିଥିଲେ । ୨୦୧୬ ବେଳକୁ ଚୀନର ଋଣ ଆଫ୍ରିକାରେ ଶିଖର ଛୁଇଁଥିଲା (୩୦ ବିଲିଅନ) ଯାହା ୨୦୧୮ ବେଳକୁ ବେଶ୍ ତଳକୁ ଖସିଥିଲା (୫ ବିଲିଅନ ଡଲାର) । ଆଫ୍ରିକାରେ ଦୁର୍ବଳ ସରକାର, ଦୁର୍ବଳ ଭିତ୍ତିଭୂମି, ଅଳ୍ପ ରୋଜଗାର ଥିବାରୁ ତୈଳ, ଗ୍ୟାସ୍, ଖଣିଜଦ୍ରବ୍ୟ, ମୂଲ୍ୟବାନ ଖଣିଜ ଦ୍ରବ୍ୟ ହାତେଇବା ଲକ୍ଷ୍ୟରେ ଚୀନ ସେଠାରେ ଋଣ ପ୍ରଦାନ କରିଆସିଛି । ଆଦିସଆବାଠାରେ ଆଫ୍ରିକାନ୍ ୟୁନିଅନର କାର୍ଯ୍ୟାଳୟ ଉପହାର ଦେଇ ଚୀନ ସରକାର ସମସ୍ତ ତଥ୍ୟ ସାଂଘାଇର ସର୍ଭରକୁ ଆଣୁଥିବା ବିଷୟ ଫ୍ରାନ୍ସର ଲେ ମଣ୍ଡେରେ ପ୍ରକାଶ ପାଇଥିଲା । ଜିବୁତିରେ ଚୀନ ସରକାର ୨୦ ମିଲିଅନ ଦେଇ ନୌସେନାଘାଟୀ ନିର୍ମାଣ କରି ୧୦୦୦ଯବାନଙ୍କୁ ଅବସ୍ଥାପିତ କରିଛନ୍ତି । ଜିବୁତି ସରକାର ଚୀନର ଋଣ ସୁଝିବା ସହଜ ହେବନାହିଁ ବୋଲି ସେଠାକାର ଅଧିକାରୀ ପ୍ରକାଶ କରିଛନ୍ତି । ୨୦୧୩ରେ ଜିନପିଙ୍ଗ୍ ବିଆରଆଇ ପ୍ରକଳ୍ପ ଘୋଷଣା କରି ଇଥିଓପିଆକୁ ୧୧ ବିଲିଅନ ଡଲାରର ଋଣ ଫେସନ ଶିଳ୍ପ, ଇଲେକଟ୍ରୋନିକ୍ସ ଶିଳ୍ପ, ଭିତ୍ତିଭୂମି ବିକାଶ ପାଇଁ ଦେଇଥିଲେ । ୨୦୧୪ରେ ୪ଟି ଫେସନ ପାର୍କ ଖୋଲିଥିଲା ଏବଂ ୨୦୨୦ ପୂର୍ବରୁ ୮ଟି ଅଧିକ ଖୋଲିବ ବୋଲି କୁହାଯାଉଥିଲା । ହେଲେ ଦେଶର ଚାଷୀଙ୍କ ଜମି ଜବରଦସ୍ତ ଦଖଲ କରାଯାଇ ସେମାନଙ୍କୁ ଉଚିତ୍ କ୍ଷତିପୂରଣ ବିନା ବେଦଖଲ କରାଯାଉଥିବା ନେଇ ସେଠାରେ ଅଭିଯୋଗ ଉଠିଛି । ଆଫ୍ରିକାର ଅନେକ ରାଷ୍ଟ୍ରରେ ଆଫ୍ରିକୀୟଙ୍କ ପ୍ରତି ଚୀନା କର୍ମଚାରୀଙ୍କ ବ୍ୟବହାରକୁ ନେଇ ସଂଘର୍ଷ ହୋଇଛି । କେତେକ ଦେଶରେ ଚୀନାମାନଙ୍କୁ ଦେଶ ଛାଡି ଚାଲିଯିବା ପାଇଁ କୁହାଯାଇଛି । ଆଫ୍ରିକୀୟ ଜନସାଧାରଣ ଏବେ ଚୀନା କମ୍ପାନୀଙ୍କୁ ଶୋଷଣକାରୀ ଦୃଷ୍ଟିରେ ଦେଖୁଥିବା ହେତୁ ସେଠାକାର ସରକାରମାନେ ଚୀନାଋଣରୁ ମୁକ୍ତ ହେବାକୁ ପ୍ରୟାସ ଆରମ୍ଭ କରିଛନ୍ତି । କେତେକ ମୂଳ ଋଣ ସୁଝିବାରେ ହ୍ରାସ କରିବାକୁ ଚୀନା କର୍ତ୍ତୃପକ୍ଷଙ୍କ ଉପରେ ଚାପ ପକାଉଛନ୍ତି । ଏସବୁ ଦୃଷ୍ଟିରୁ ଅନେକ ଚୀନା ଅର୍ଥ ବିଦେଶରେ ବୁଡିବା ଏକପ୍ରକାର ନିଶ୍ଚିତ।

ଉଗାଣ୍ଡାର ଇଣ୍ଟେବେ ଆନ୍ତର୍ଜାତିକ ବିମାନ ବନ୍ଦରକୁ ଚୀନ ଦଖଲ କରିବାର ସମ୍ଭାବନା ସ୍ପଷ୍ଟ ହୋଇଯାଇଛି । ଦେଶର

**ସୌମେନ୍ଦ୍ର ଜେନା**

ଅର୍ଥମନ୍ତ୍ରୀ ମାଟିଆ କାସାଇଜା ନିକଟରେ ଏଥିପାଇଁ ସଂସଦରେ ସମସ୍ତଙ୍କୁ କ୍ଷମା ମାଗିଛନ୍ତି । ଚୀନଠାରୁ ୨୦୭ ମିଲିଅନ ଡଲାର ୨୦୧୫ରେ ଋଣରେ ଆଣିଥିବା ବର୍ତ୍ତମାନର ମୁସାଭେନି ସରକାର କିପରି ଦେଶର ସ୍ୱାର୍ଥ ବିରୋଧରେ ଯାଇ ସର୍ତ୍ତାବଳୀକୁ ଗ୍ରହଣ କରିଥିଲେ ତାର ପରିଣାମ ସ୍ୱରୂପ ବର୍ତ୍ତମାନର ବିମାନବନ୍ଦର ଚୀନ ହାତକୁ ଦବା । ଦେଶର ରାଷ୍ଟ୍ରପତି ୟୁୱେରି ମୁସାଭେନି କ୍ଷତିକାରକ ସର୍ତ୍ତାବଳୀର ପୁନଃ ବୁଝାମଣା ପାଇଁ ମାର୍ଚ୍ଚ ୨୦୨୧ରେ ବେଜିଂକୁ ଯେଉଁ ପ୍ରତିନିଧିଦଳ ପଠାଇଥିଲେ ସେମାନେ ଖାଲି ହାତରେ ଫେରିଆସିଥିଲେ । କାରଣ ଚୀନ କର୍ତ୍ତୃପକ୍ଷ ମୂଳ ସର୍ତ୍ତାବଳୀରେ କୌଣସି ପ୍ରକାର ସଂଶୋଧନ କିମ୍ବା ପରିବର୍ତ୍ତନ କରିବାକୁ ମନା କରିଥିଲେ ।

୧୭ନଭେମ୍ବର ୨୦୧୫ରେ ଉଗାଣ୍ଡା ସରକାରଙ୍କ ଅର୍ଥ ବିଭାଗ ଓ ବେସାମରିକ ବିମାନ ଚଳାଚଳ ସଂସ୍ଥାର ପ୍ରତିନିଧିଗଣ ଚୀନର ଏକ୍ସପୋର୍ଟ ଇମ୍ପୋର୍ଟ ବ୍ୟାଙ୍କ ସହ ୨% ସୁଧରେ ୨୦ବର୍ଷ ପାଇଁ ୨୦୭ ମିଲିଅନ ଡଲାରର ଋଣ ନେଇଥିଲେ । ସୁଝିବାକୁ ଚାହିଁଲେ ଅଧିକ ୭ବର୍ଷ ସମୟ ନେଇପାରିବେ ବୋଲି ସର୍ତ୍ତ ରହିଥିଲା । ଅନ୍ୟଥା ଚୀନକୁ ଉଗାଣ୍ଡାର ବିମାନ ବନ୍ଦର ସହ ଅନ୍ୟାନ୍ୟ ସଂପତ୍ତି ହସ୍ତାନ୍ତରିତ ହେବ ବୋଲି ସର୍ତ୍ତାବଳୀରେ ଉଲ୍ଲେଖ ରହିଥିଲା । ଏହି ଋଣ ସୁଝିବାକୁ ବର୍ତ୍ତମାନ ସରକାର ଅସମର୍ଥ ଥିବାରୁ ସର୍ତ୍ତାବଳୀରେ ପରିବର୍ତ୍ତନ କରିବାକୁ ଚାହୁଁଥିଲେ । ତେବେ ୧୯୮୬ରୁ ଉଗାଣ୍ଡାର କ୍ଷମତାରେ ରହିଆସିଥିବା ମୁସାଭେନି ବର୍ତ୍ତମାନର ସଙ୍କଟରୁ ନିଜରୁ ଅଲଗା କରିପାରିବେ ନାହିଁ । ତାଙ୍କ ସରକାରର ମୁର୍ଖତା ଯୋଗୁ ଉଗାଣ୍ଡା ଏବେ ଚୀନ ଦଖଲକୁ ଯିବା ନିଶ୍ଚିତ । ଶେଷକୁ ଏହା ହେଲେ ଆଫ୍ରିକା ମହାଦେଶରେ ଚୀନ ଉପନିବେଶର ବିଜୟ ପତାକା ଉଡିବ ଯାହାକୁ ଦେଶର ବିରୋଧୀ ଦଳ ଏବଂ ଜନସାଧାରଣ ବିରୋଧ କରୁଛନ୍ତି । କାରଣ ବିମାନବନ୍ଦର ଦେଇ ବାର୍ଷିକ ୧୯ଲକ୍ଷ ଯାତ୍ରୀ ବିଦେଶକୁ ଯିବା ଆସିବା କରିଥାନ୍ତି ।

ଅନ୍ୟ ଏକ ଘଟଣାରେ ଦକ୍ଷିଣ ପ୍ରଶାନ୍ତ ମହାସାଗର ଅନ୍ତର୍ଗତ ସୋଲୋମନ ଦ୍ୱୀପପୁଞ୍ଜରେ ଚୀନକୁ କେନ୍ଦ୍ରକରି ପ୍ରବଳ ଜଳାପୋଡା ଘଟଣା ଓ ଦଙ୍ଗାଗୋଳ ୨୪ ନଭେମ୍ବର ୨୦୨୧ରେ ଘଟିଛି । ଦେଶର ପ୍ରଧାନମନ୍ତ୍ରୀ ମାନାସେ ସୋଗାଭାରେଙ୍କ ତାଇୱାନ ସହ ସଂପର୍କ ଛିନ୍ନ କରି ଚୀନ ସହ କୂଟନୀତିକ ସଂପର୍କ ସ୍ଥାପନାକୁ ବିରୋଧ କରି ଦେଶର ଜନସାଧାରଣ ବିକ୍ଷୋଭ କରିବା ସହ ପ୍ରବଳ ପୋଡାଜଳା କରିଛନ୍ତି । ଫଳରେ ରାଜଧାନୀ ହୋନିଆରାରେ ୩୬ଘଣ୍ଟା ପାଇଁ ଲକ୍‌ଡାଉନ୍ ଘୋଷଣା କରାଯାଇଛି । ବିକ୍ଷୋଭକାରୀମାନେ ଦେଶର ସଂସଦ ଭବନ ନିକଟସ୍ଥ କୋଠାଗୁଡିକରେ ନିଆଁ ଲଗାଇ ଦେଇଛନ୍ତି, ଦେଶରେ ବିକାଶମୁଖୀ କାର୍ଯ୍ୟ ନହେବା ଏବଂ ବ୍ୟାପକ ଦୁର୍ନୀତିର ଲୋକେ ବିରୋଧ କରିବା ସହ ତାଇୱାନ ସହ କୂଟନୀତିକ ସଂପର୍କକୁ ବଳବତ୍ତର ରଖିବାକୁ ଦାବି କରିଛନ୍ତି । ଶାନ୍ତିରକ୍ଷା ପାଇଁ ଅଷ୍ଟ୍ରେଲିଆ ଯବାନ ଏବଂ ଫେଡେରାଲ ପୋଲିସ ସୋଲୋମନରେ ପହଞ୍ଚିଛନ୍ତି । ସୋଲୋମନ ସରକାରଙ୍କ ସହ ରୟାଲ ସୋଲୋମନ ପୋଲିସ ବାହିନୀ ଥିଲାବେଳେ ଚୀନ ସରକାରଙ୍କ ସମର୍ଥନ ରହିଛି । ବିରୋଧୀଦଳ ନେତା ମାଥ୍ୟୁ ୱାଲେ ପ୍ରଧାନମନ୍ତ୍ରୀ ସୋଗାଭରେଙ୍କ ଇସ୍ତଫା ଦାବି କରିଛନ୍ତି । ଚାଇନା ଟାଉନରେ ବିକ୍ଷୋଭକାରୀମାନେ ନିଆଁ ଲଗାଇଦେବା ସହ ଲୁଟ କରି ନେଇଛନ୍ତି । ଏହି ଘଟଣା ପରେ କର୍ଫ୍ୟୁ ଜାରି ହୋଇଛି । ୧୫ଟି ଦେଶ ତାଇୱାନ ସହ କୂଟନୀତିକ ସଂପର୍କ ରଖିଥିଲାବେଳେ ସେପ୍ଟେମ୍ବର ୨୦୧୯ରେ ସୋଲୋମନ ଓ କିରିବାଟୀ ତାଇୱାନ ସହ ସଂପର୍କ ଛିନ୍ନ କରି ଚୀନ ସହ ଯୋଡି ହୋଇଥିଲେ । ଏହି ଦ୍ୱୀପପୁଞ୍ଜ ଦେଶକୁ ୫୦୦ ମିଲିଅନ ଡଲାର ସାହାଯ୍ୟ ଦେବାଲାଗି ଚୀନ ସରକାର ପ୍ରତିଶ୍ରୁତି ଦେଇ ୨୦୧୯ରେ ସୋଗାଭାରେଙ୍କ ସରକାରଠାରୁ ସହମତି ଲାଭ କରିଥିଲେ, ଯାହାକୁ ଜନସଂଖ୍ୟା ବହୁଳ ମାଲାଇତା ପ୍ରଦେଶ ଲୋକେ ବିରୋଧ କରିଥିଲେ । କେନ୍ଦ୍ର ସରକାରଙ୍କ ଅବହେଳାର ଶିକାର ହେବାପରେ ମାଲାଇତା ପ୍ରଦେଶକୁ ଅକ୍ଟୋବର ୨୦୨୦ରେ ଆମେରିକାର ଆନ୍ତର୍ଜାତିକ ବିକାଶ ସଂସ୍ଥା ୨୫ ମିଲିଅନ ଡଲାର ସହାୟତା ଘୋଷଣା କରିଥିଲା । ଏହି ସହାୟତା ୨୦୦ ମିଲିଅନ ଡଲାରର ଅଂଶବିଶେଷ, ଯାହାକ ଭିନ୍ନ ଭିନ୍ନ ଭାରତ-ପ୍ରଶାନ୍ତ ମହାସାଗରୀୟ ରାଷ୍ଟ୍ରରେ ବିକାଶ ପାଇଁ ଖର୍ଚ୍ଚ କରାଯିବ । ମାଲାଇତା ପ୍ରଦେଶ ସରକାର ତାଇୱାନ ସହ ସଂପର୍କ ରଖିଥିବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ଏଥିପାଇଁ ଗଣଭୋଟ କରିବାକୁ ଦାବି କରିଛନ୍ତି । ଗଣଭୋଟ ହେଲେ ମାଲାଇତା ଜନତାଙ୍କ ସଂଖ୍ୟା ବହୁଳ ମତରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିର ପରାଜୟ ହେବ ବୋଲି ପ୍ରଧାନମନ୍ତ୍ରୀ ସୋଗାଭାରେ ଜାଣିଛନ୍ତି । ତେଣୁ ସେ ଏହି ସମସ୍ୟା ପଛରେ ବିଦେଶୀ ଶକ୍ତିଙ୍କ ହାତ ରହିଥିବା ନେଇ ଅଭିଯୋଗ କରିଛନ୍ତି।

# ୱେବ ସତସଙ୍ଗ ବର୍ତ୍ତମାନ ରକ୍ଷା କବଚ

କରୋନା ମହାମାରୀ ସମୟରେ ପୃଥିବୀ ପୃଷ୍ଠରେ ବିଭିନ୍ନ ଜାଗାରେ ସତ୍ ସଙ୍ଗ ଆଲୋଚନା ଚକ୍ର କରାଇବା ପାଇଁ ୱେବ୍ ସତସଙ୍ଗ ଅନୁଷ୍ଠିତ କରିବକୁ ପ୍ରଧାନ ଆଚାର୍ଯ୍ୟ ଦେବ ନିର୍ଦ୍ଦେଶ ପ୍ରଦାନ କରିଥିଲେ।ଏହାକୁ କାର୍ଯ୍ୟକାରୀ କରିବା ପାଇଁ , ନରସିଂହ ପୁର, ଦିଲ୍ଲୀ ମୁମ୍ବାଇ ହାଇଦ୍ରାବାଦ, ଚେନ୍ନାଇ, ଗୁଜୁରାଟ, ଉତ୍ତର ପ୍ରଦେଶ, ଉତ୍ତର ପୂର୍ବ ରାଜ୍ୟ ମାନଙ୍କରେ ପ୍ରତି ଦିନ ୱେବ୍ ସତ୍ ସଙ୍ଗ ଅନୁଷ୍ଠିତ ହେଉଅଛି । ବହୁ ବିଶିଷ୍ଟ ବୁଦ୍ଧିଜୀବୀ, ସାହିତ୍ୟିକ, ବୈଜ୍ଞାନିକ, ଅଧ୍ୟାପକ ସଙ୍ଗୀତକାର, ଏଥିରେ ଯୋଗଦାନ କରି ଇଷ୍ଟ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଲାଗି ରହିଛନ୍ତି।"ହଜାର ହଜାର ଭକ୍ତ ଅନୁରାଗୀ ଏହାକୁ ନିତ୍ୟଦିନ ଜୀବନ ର ମୁଖ୍ୟ କର୍ମ ରୂପେ ଗ୍ରହଣ କରିଛନ୍ତି । ପ୍ରତିଦିନ ପ୍ରାତଃ ରୁ ରାତ୍ର ପର୍ଯ୍ୟନ୍ତ ଦେଶବିଦେଶରେ ଆଭାସୀ ସତ୍ ସଙ୍ଗ ଚାଲି ଥାଏ। ଆମ ଓଡିଶା ରେ ୩୧୪ବ୍ଲକ୍, ୫୬ ସବ୍ ଡିଭିଜନ, ୩୦ଜିଲ୍ଲା ସଦର ମହକୁମା ରେ ତଥା ରାଜଧାନୀ ଭୁବନେଶ୍ୱର ସହର ରେ ପ୍ରତିଦିନ,, ୧୦ରୁ ଅଧିକ ଯୁବ ଗୋଷ୍ଠୀ ନିଷ୍ଠାର ସହିତ ପରିଚାଳନା କରୁଛନ୍ତି । ଏହାର ଏକ ମାତ୍ର ଉଦ୍ଦ୍ୟେଶ ଇଷ୍ଟ ପ୍ରତିଷ୍ଠା, ନିଜକୁ ସଂଶୋଧନ କରିବା, ସମବେତ ଭାବରେ ଗୁରୁ, ଇଷ୍ଟ ଙ୍କ ନିର୍ଦ୍ଦେଶ କୁ ପାଳନ କରିବା । ଆଲୋଚନା ଚକ୍ର ରେ ସୁଶ୍ରୀ ମନ୍ଦାକିନୀ ଶ୍ରେୟା ତଥା ପ୍ରଜ୍ଞାନ ମହାଭୋଇଙ୍କ ଉର୍ଜ୍ଜୀ ଭଜନ କୀର୍ତ୍ତନ ଅଗଣିତ ଦର୍ଶକ ଙ୍କ ମନକୁ ଛୁଇଁଥିଲା । ସହପ୍ରତୀ ରିତ୍ୱିକ ଶ୍ରୀ ରଘୁନାଥ ବସ୍ତିଆ ବିଜ୍ଞାନ ଯୋଗାଯୋଗ, ବ୍ୟବହାର, ପରିପକ୍ୱତା। ଉପରେ ଆଲୋଚନା ରଖିଥିଲେ। ପ୍ରତି ପ୍ରତ୍‌ୟେକ ସମୀଚୀନ ଆଚରଣ ପ୍ରଦର୍ଶନ କରିବା"ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଯୁବକ ଗୋଷ୍ଠୀ ଜାତ ମୁଣ୍ଡିଆ ର ଯୁବଗୋଷ୍ଠୀ ମନ୍ଦିର ପ୍ରାଙ୍ଗଣରୁ ସୁନ୍ଦର କୀର୍ତନ ପରିବେଷଣ କରିଥିଲେ। ଆହୁରି ଅନେକ ବିଶିଷ୍ଟ କଳାକାର ପ୍ରତି ଦିନ ଯୋଗ ଦେଇ ସମସ୍ତ ଙ୍କୁ ଅମୃତ ପରିବେଷଣ କରୁଛନ୍ତି। ରାଉରକେଲାରୁ ଶ୍ରୀ ଦେନ୍ଦ୍ରେ ନାଥ କରଙ୍କ ପରିବାର, ପୁରୀ ରୁ ଶ୍ରୀ କେଶବ ଚନ୍ଦ୍ର ସାହୁ , ଦିଲ୍ଲୀ ରୁ ଶ୍ରୀ ସରୋଜ ମହାନ୍ତି ସପରିବାର ଭକ୍ତି ନୈବେଦ୍ୟ ରେ ସାମିଲ୍ ହୁଅନ୍ତି। ସମସ୍ତେ ଶ୍ରୀ ଶ୍ରୀ ଠାକୁରଙ୍କ ପାଖରେ ପ୍ରତି ଦିନ ପ୍ରାତଃ ସମୟରୁ ରାତ୍ର ପର୍ଯ୍ୟନ୍ତ ସେବା ରେ ଥାଆନ୍ତି।"ମୁଖ୍ୟ ବକ୍ତା ଦେଓଘର ରୁ ଆଗତ ସହ ପ୍ରତି ରିତ୍ୱିକ ଶ୍ରୀ ଶ୍ରୀଧର ସୁନ୍ଦର ମିଶ୍ର ଶ୍ରୀଶ୍ରୀ ଠାକୁର ଙ୍କ ଜୀବନୀ, ବର୍ଦ୍ଧନ ମୁଖୀ ସତସଙ୍ଗ ର କାୟା ,, ଶ୍ରୀ ଶ୍ରୀ ବଦଦା, ଶ୍ରୀ ଶ୍ରୀ ଦାଦା ବର୍ତ୍ତମାନ ର ଆଚାର୍ଯ୍ୟ ଦେବଙ୍କ ନିଷ୍ଠା, କ୍ଲେଶ ସୁଖ ପ୍ରିୟତା, ୧୦୦ଦିନ ଦୀକ୍ଷାଦାନ ପାଇଁ ଭାରତ ପରିକ୍ରମା ଓ ସେଥିରେ ଓଡିଶା ର ଅଗଣିତ ଗୁରୁ ଭାଇ ମାନଂକ ଏକ ମୁଖ୍ୟ ଭାଗୀଦାରୀ ବିଷୟରେ ଯାଜନ, କରି, ଇଷ୍ଟଭୃତି, ସ୍ୱାସ୍ଥ୍ୟ, ସଦାଚାର ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରି ଥିଲେ"ସତ୍ ସଙ୍ଗ ର ସହ ସଚିବ ତଥା ଓଡିଶା ସତ୍ ସଙ୍ଗ ର ମୁଖ୍ୟ ଦାୟିତ୍ୱ ରେ ଥିବା ପ୍ରତି ରିତତ୍ୱିକ୍ ଡକ୍ଟର ବିନାୟକ ମହାପାତ୍ର ଆଲୋଚନା ରେ ମୁଖ୍ୟ ଅତିଥି ରୂପେ ଯୋଗ ଦାନ ଏହି ଜନ୍ମରେ ଆମର ଇଷ୍ଟ ନିଷ୍ଠା କିପରି ବଢିବ"ତତ୍ ପ୍ରୀତି ଅର୍ଥେ କର୍ମ କରିବା, ବୃତ୍ତି ପ୍ରବୃତ୍ତି କୁ ନିୟନ୍ତ୍ରଣ କରି ଶ୍ରୀ ଶ୍ରୀ ଠାକୁର ଙ୍କ ଭାବ ଧାରାକୁ ଆଗେଇ ନେବା ଉପରେ ହୃଦୟ ସ୍ପର୍ଶୀ ଉପଦେଶ ଦେଇ ଥିଲେ। ଆୟୋଜକ ଶ୍ରୀ ସଂଜୀବ କୁମାର ନାୟକ ଙ୍କ ପ୍ରଚେଷ୍ଟା କୁ ଧନ୍ୟବାଦ ଅର୍ପଣ କରି"ଶ୍ରୋତା ମାନଂକ ନିଷ୍ଠାର ପ୍ରଶଂସା ସହ"ସମସ୍ତ ଙ୍କ ମଙ୍ଗଳ କାମନା କରି ପ୍ରଭୁ ଙ୍କ ପାଖରେ ନିବେଦନ ରଖିଥିଲେ ଡକ୍ଟର ବିଜୟ କୁମାର ପରିଡ଼ା। ଧ୍ୱନୀ ଦେଇ ସତସଙ୍ଗ ସମାପ୍ତ ହୋଇଥିଲା। ଏହି ପରି ଆଲୋଚନା ଚକ୍ର କେବେ ଶୁଣି ନଥିବା ଏଂ ଏଥିରେ ଯୋଗଦାନ କରି ଶ୍ରୀ କୃପା ନିଧି ବିଶ୍ୱାଳ କୃପା ଧନ୍ୟ ହୋଇଥିବା ପ୍ରକାଶ କରିଛନ୍ତି ।

# ଜଗିଙ୍ଗ ଏବଂ ଜିନ୍ସ ମନା

**କଥାରେ ରହିଛି ନଇ କେ ଫାଙ୍କ ଦେଶ କେ ବାଙ୍କ। ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଆଇନ ରହିଛି। ବେଳେବେଳେ ସରକାର ଲୋକଙ୍କ ମଧ୍ୟରେ ସଚେତନା ସୃଷ୍ଟି କରିବା ପାଇଁ ନୂଆ ନିୟମ ଲାଗୁ କରୁଥିବା ବେଳେ ଏହା ହିଁ ପରବର୍ତ୍ତୀ ସମୟରେ ସେଠାରେ ଆଇନରେ ପରିଣତ କରାଯାଇଥାଏ। ଯେମିତି ବର୍ତ୍ତମାନ ଆମ ଦେଶରେ ଟ୍ରାଫିକ୍ ନିୟମ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ହେଲେ ଏମିତି ବି ଦେଶ ରହିଛି ଯେଉଁଠି ଜିନ୍ସ ପିନ୍ଧିବା ସମ୍ପୂର୍ଣ୍ଣ ମନା।**



## ଜଗିଙ୍ଗ ମନା

ପୂର୍ବ ଆଫ୍ରିକା ଏପରି ଏକ ଦେଶ ଅଛି ଯେଉଁଠି ଜଗିଙ୍ଗ କରିବା ମନା। ଏହି ଦେଶର ନାମ ବୁରିଣ୍ଡି। ସାଧାରଣତଃ ଜଗିଙ୍ଗ କରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର, ଏକଥା ସରକାରଙ୍କୁ ଜଣା ଥିଲେ ହେଁ ଜଗିଙ୍ଗ ଓ ମର୍ଣ୍ଣିଂ ୱାକକୁ ଏଠାରେ ସମ୍ପୂର୍ଣ୍ଣ ବ୍ୟାନ କରାଯାଇଛି। ୨୦୧୪ ରେ ବୁରିଣ୍ଡିରେ ଜଗିଙ୍ଗ କରିବା ନେଇ ଏଠାକାର ରାଷ୍ଟ୍ରପତି ମନା କରିଥିଲେ। ସେ କହିଥିଲେ ଏହା ଦ୍ୱାରା ଅସାମାଜିକ କାର୍ଯ୍ୟକୁ ପ୍ରୋତ୍ସାହନ ଦିଆଯାଇଛି, ଫଳରେ ଦିନକୁ ଦିନ ଅପରାଧ ବଢି ଚାଲିଛି। ରାଷ୍ଟ୍ରପତିଙ୍କର ଏଭଳି କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ ହେଁ ଦେଶରୁ ଅପରାଧ ରୋକିବା ଲାଗି ସିଧା ମନା କରିଛନ୍ତି। ଏହା ପରଠାରୁ ସେଠାରେ ଜଗିଙ୍ଗ ବ୍ୟାନ୍ ନେଇ ଏକ ଆଇନ ମଧ୍ୟ ପ୍ରଣୟନ କରାଯିବାକୁ ଯୋଜନା ହେଉଛି।

## ଚୁଇଙ୍ଗ ଗମ୍ ମନା

ସିଙ୍ଗାପୋରରେ ୨୦୦୪ ରୁ ଚୁଇଙ୍ଗ ଗମ୍ ଖାଇବା ବ୍ୟାନ କରି ଦିଆଯାଇଥିଲା। ଏହା ପଛରେ ପ୍ରମୁଖ କାରଣ ରହିଥିଲା, ରାସ୍ତାଘାଟରେ ଚୁଇଙ୍ଗ ଗମ୍ ପଡି ପରିବେଶକୁ ନଷ୍ଟ କରୁଥିବା ବେଳେ ଲୋକମାନେ ମଧ୍ୟ ଏହାକୁ ଖାଇ ବିଭିନ୍ନ ଶ୍ୱାସ ସମ୍ବନ୍ଧୀୟ ରୋଗରେ ପଡୁଥିଲେ। ଏଥିପାଇଁ ଏଠାରେ ଚୁଇଙ୍ଗ ଗମ ସମ୍ପୂର୍ଣ୍ଣ ବ୍ୟାନ୍।

## ଜିନ୍ସ ପିନ୍ଧିବା ମନା

ଉତ୍ତରକୋରିଆକୁ ପଶିବା ମାତ୍ରେ ରାସ୍ତାଘାଟ ଚାରିଆଡେ ଏକଛତ୍ରବାଦୀ ଶାସକ କିମ୍ ଜଙ୍ଗ ଉନ୍‌ଙ୍କ ଫଟୋ ଦେଖିବାକୁ ପାଇବେ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସେ ତାଙ୍କ ଦେଶରେ ନୀଳ ରଙ୍ଗର ଜିନ୍ସକୁ ସମ୍ପୂର୍ଣ୍ଣ ବ୍ୟାନ୍ କରିଦେଇଛନ୍ତି। ଏହା ପଛରେ ରହିଥିବା କାରଣ ହେଉଛି ବିଦେଶୀ ସଂସ୍କୃତିକୁ ବର୍ଜନ କରିବା। ବିଶେଷକରି ଏହି ଜିନ୍ସ ପସ୍ତୁତ କରୁଥିବାରୁ ସେ ଏହା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି।

## ବାହାରେ ଛେପ ପକାଇବା ମନା

ଭାରତରେ ପାନ ଖାଇ ଯେଉଁଠି ପାଇ ସେଇଠି ଛେପ ପକାଇବା ଅତି ସାଧାରଣ କଥା। କିନ୍ତୁ ଏମିତି କିଛି ସ୍ଥାନ ରହିଛି ଯେଉଁଠି ପାନ ଛେପ ପକାଇବା ସମ୍ପୂର୍ଣ୍ଣ ମନା। ଏହି ସ୍ଥାନଟି ହେଉଛି ବ୍ୟାଙ୍ଗକକ। ସଫା ସୁତୁରା ପାଇଁ ପ୍ରସିଦ୍ଧି ଅର୍ଜନ କରିଥିବାଏହି ସହରରେ ରାସ୍ତାରେ ପାନ ଖାଇ ଛେପ ପକାଇବା ସମ୍ପୂର୍ଣ୍ଣ ମନା। ଯଦି ଭୁଲରେ ଛେପ ପକାଇ ଦେଇଛନ୍ତି ଏଥିପାଇଁ ଫାଇନ ବ୍ୟବସ୍ଥା ମଧ୍ୟ ରହିଛି।

## ନକଲି ଦାନ୍ତରେ କାମୁଡିବା ଅପରାଧ

ସାଧାରଣତଃ ଦାନ୍ତରେ କାମୁଡିଲେ ବିଭିନ୍ନ ରୋଗ ହେଉଥିବା ଯୋଗୁ ଡାକ୍ତରମାନେ ଏପରି କରିବାକୁ ବାରଣ କରିଥାନ୍ତି। ହେଲେ ଲୁଇସିଆନାରେ ଏକ ଅଜବ ଆଇନ ରହିଛି। ଏଠାରେ କାମୁଡିବା ତ ଏକ ଛୋଟ ଅପରାଧ। ଯଦି ସତ ଦାନ୍ତରେ ଜଣେ ଅନ୍ୟ ଜଣକୁ କାମୁଡିଦିଅନ୍ତି ତ ଯେତିକି ଅପରାଧ ନୁହେଁ ତା'ଠାରୁ ବେଶୀ ବଡ ଅପରାଧ ନକଲି ଦାନ୍ତରେ କାମୁଡିବା।







**ଆପଣ ସୁସ୍ଥ ରହିବାକୁ ଚାହୁଁଥିଲେ ଆପଣାନ୍ତୁ କିଛି ଟିପ୍ସ। ଅତି ସାଧାରଣ ଏହି ଟିପ୍ସ ପାଇଁ ଆପଣଙ୍କ ଘରେ ହିଁ ରହିଛି ସବୁକିଛି ଜିନିଷ...**



## କିଛି ହେଲ୍‌ଥ ଟିପ୍ସ

ପ୍ରତିଦିନ ବିଛଣାକୁ ଯିବା ପୂର୍ବରୁ ଗୋଟିଏ ଗ୍ଲାସ୍ ନଖ ଉଷୁମ ପାଣି ପିଅନ୍ତୁ। ଏହାଦ୍ୱାରା ନିଶ୍ୱାସ ପ୍ରଶ୍ୱାସ ସମ୍ବନ୍ଧୀୟ ବହୁ ରୋଗରୁ ମୁକ୍ତି ମିଳିବ। ବିଶେଷ କରି ଶ୍ୱାସ ନଳି ସଫା ରହେ, କାଶ ହୁଏନାହିଁ।

-ରାତିରେ ୬ରୁ୮ଟି ବାଦାମକୁ ପାଣିରେ ଭିଜାଇ ଦିଅନ୍ତୁ। ସକାଳୁ ଉଠି ଏହାକୁ ଚୋପା ଛଡାଇ ଖାଇଲେ ଫ୍ୟାଟ୍ କମିଯିବ।

-ରାତିରେ ମେଥିକୁ ପାଣିରେ ଭିଜାଇ ଦିଅନ୍ତୁ ଏବଂ ସକାଳୁ ଉଠି ଏହାକୁ ବାଟି ପିଇଲେ ଡାଇବେଟିସରୁ ମୁକ୍ତି ମିଳିବ।

-ଆମ୍ବ ଖାଇସାରିବା ପରେ କ୍ଷୀର ପିଇଲେକ ଚଳିବ, କିନ୍ତୁ ପାଣି ଜମାରୁ ପିଅନ୍ତୁ ନାହିଁ। ତା'ଛଡା କିଡନୀ ରୋଗୀ ଏବଂ ଜଳଉଦରୀ ହୋଇଥିବା ରୋଗୀ ଆମ୍ବ ଖାଇବା ଅନୁଚିତ।

-ପ୍ରତିଦିନ ଗୋଟିଏ ଚାମଚ ମହୁ ଯେମିତି ହେଲେ ଖାଆନ୍ତୁ ନିଶ୍ଚିତ ଭାବେ ନିରୋଗ ରହିବେ।

-ଯଦି ବାନ୍ତି ଲାଗୁଛି ତ ଲେମ୍ବୁରେ ଅଳ୍ପ ଟିକେ ଲୁଣ ଲଗାଇ ଚୁଚୁମିଲେ ନିଶ୍ଚିତ ଉପକାର ମିଳିବ।

-ଯଦି ପେଟ କାଟୁଛି ଜୁଆଣି ଭାଜି ଗୁଣ୍ଡ କରି ସେଥିରେ ସୈନ୍ଧବ ଲବଣ ମିଶାଇ ଦିଅନ୍ତୁ। ଏହାକୁ ରେଗୁଲାର ଉଷୁମ ପାଣି ସହିତ ଖାଇଲେ ଆରାମ ମିଳିବ।

-ଯଦି ଶୀଘ୍ର ଓଜନ କମ୍ କରିବାକୁ ଚାହାନ୍ତି ତ ନିୟମିତ ଭାବେ ଖାଲି ପେଟରେ ଅମୃତଭଣ୍ଡା ଖାଇବା ଉଚିତ।

-ପେଗେନନ୍ସୀ ସମୟରେ ଅମୃତଭଣ୍ଡା ଜମାରୁ ବି ଖାଆନ୍ତୁନି। କାରଣ ଆବୋର୍ସନ ହୋଇଯିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

-୧୦ଗ୍ରାମ ଅଦାକୁ ବାଟି ୨୦୦ ମିଲିଲିଟର ପାଣିରେ ଫୁଟାନ୍ତୁ। ପାଣି ସିଝିସିଝି ଚାରିଭାଗରୁ ଭାବେ ରହିଲେ ତାକୁ ଛାଟି ଗୋଟିଏ କପ୍ ଉଷୁମ କ୍ଷୀର ସହିତ ମିଶାଇ ପିଅନ୍ତୁ, ଥଣ୍ଡା କାଶ ଆଦିରୁ ଉପଶମ ମିଳିବ।



ସୋନାକ୍ଷୀ

## ସତର୍କ ରୁହନ୍ତୁ

**ବର୍ଷା ଋତୁ ଆସିଲେ ନିଜକୁ ଟିକେ ତାଜା ଅନୁଭବ କରିବା ଲାଗି ଚା' ଓ କଫି ପିଇବାକୁ ଲୋକେ ଖୁବ୍ ପସନ୍ଦ କରନ୍ତି। ଆପଣ କ'ଣ ଅଧିକ ଗରମ ଚା' ପିଉଛନ୍ତି କି ଏମିତି କରନ୍ତୁ ନାହିଁ, ଏହା ସ୍ୱାସ୍ଥ୍ୟ ଲାଗି ଖୁବ୍ କ୍ଷତିକାରକ...**



ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ କ୍ୟାନସର ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ଗରମ ଚା' ବା କଫି ପିଇବା ଯୋଗୁଁ କ୍ୟାନସର ବା ଖାଦ୍ୟ ନଳୀରେ କ୍ୟାନସର ହେବାର ଆଶଙ୍କା ରହିଛି।

-ଏସୋଫେଗଲ କ୍ୟାନସର କ'ଣ?

ଗଳାରେ କ୍ୟାନସର ବା ଏସୋଫେଗଲ କ୍ୟାନସର ସେତେବେଳେ ହୋଇଥାଏ ଯେତେବେଳେ ଭୋଜନ ନଳୀରେ ଅସାମାନ୍ୟ କୋଷିକା ଅନିୟନ୍ତ୍ରିତ ଉପାୟରେ ବଢିଥାଏ। ଏହାକୁ ଖାଦ୍ୟ ନଳୀ ମଧ୍ୟ କୁହାଯାଇଥାଏ। ଏହି ଟ୍ୟୁବ ଦ୍ୱାରା ପାଟିରେ ଖାଉଥିବା ଖାଦ୍ୟ ପେଟ ଭିତରେ ପହଞ୍ଚିଥାଏ। ଏହା ସେତେବେଳେ ଜଣା ପଡିଥାଏ, ଯେତେବେଳେ ଲୋକେ ୬୦ ବର୍ଷରେ ପହଞ୍ଚି ଯାଇଥାନ୍ତି।

-ପେଟ ସମସ୍ୟା

ଗରମ ଚା' ଯୋଗୁଁ ଲୋକଙ୍କୁ ବହୁ ପ୍ରକାରର ପେଟ ରୋଗର ସାମ୍ନା କରିବାକୁ ପଡିଥାଏ। ପେଟ ଯନ୍ତ୍ରଣା, କୋଷ୍ଠକାଠିନ୍ୟ, ବାନ୍ତି, ରକ୍ତ ସହିତ କଳା ଝାଡା ମଧ୍ୟ ହେବାର ସମ୍ଭାବନା ରହିଥାଏ। ଏହା ଅଲସର ସମସ୍ୟା ବି ସୃଷ୍ଟି କରିଥାଏ।

-ରକ୍ତ ହୀନତା

ଅଧିକ ଗରମ ଚା' ବା କଫି ପିଇବା ରକ୍ତ ଲାଗି କ୍ଷତିକାରକ। ଏହା ପ୍ରଭାବରେ ଶରୀରରେ ରକ୍ତହନୀତା ଦେଖାଦିଏ। ଓଜନ କମ୍ ହୋଇଥାଏ। ଖାଦ୍ୟ ଗିଳିବା ଲାଗି କଷ୍ଟ, କାଶ ବା ଗଳା ବସିବା ଭଳି ସମସ୍ୟା ଦେଖାଦେଇଥାଏ।

-ମେଟାବଲିଜିମ

ଚା' ଶରୀରରେ ମେଟାବଲିଜିମ୍ କମ କରି ରକ୍ତକୁ କମ କରିଦେଇଥାଏ। ଏହା ଦ୍ୱାରା ଶରୀରର ଭିତର ନଳୀରେ ଘା' ଓ ଛାଲ ମଧ୍ୟ ସୃଷ୍ଟି ହୋଇଥାଏ।

-ଗୁପ୍ତାଙ୍ଗ ସମସ୍ୟା

ଏହା ଶରୀରରେ ଗୁପ୍ତାଙ୍ଗ ସମସ୍ୟା ଉତ୍ପନ୍ନ କରିଥାଏ। ଗୁପ୍ତାଙ୍ଗ ଦୁର୍ବଳ ହେବା ସହିତ ସେକ୍ସ ପାୱାର କମ କରିଦିଏ।

-ଦାନ୍ତ ସମସ୍ୟା

ଅଧିକ ଗରମ ଓ ବହୁଥର ଚା' କଫି ପିଇବା ଦ୍ୱାରା ଆମର ଦାନ୍ତ ସମସ୍ୟା ଦେଖା ଦେଇଥାଏ। ଏଥିରେ ଦାନ୍ତ ହଳଦି ରଙ୍ଗର ହୋଇଯାଏ।

# ସୋନାକ୍ଷୀଙ୍କ ଅକଲ ଗୁଡୁମ

'କୌନ ବନେଗା କରୋଡ ପତି'ର ଗତ ଶୁକ୍ରବାର ପ୍ରସାରିତ 'କେବିସି କର୍ମବୀର' ଏପିସୋଡରେ ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ରାଜସ୍ଥାନର ବାଡମେରର ରୁମା ଦେବୀଙ୍କ ସହିତ ଦେଖିବାକୁ ମିଳିଥିଲେ। ସୋନାକ୍ଷୀ ନାରୀ ଶକ୍ତି ପୁରସ୍କାରରେ ସମ୍ମାନିତ ରୁମା ଦେବୀଙ୍କୁ ସର୍ପୋଟ କରିବାକୁ କେବିସି ମଞ୍ଚକୁ ନିମନ୍ତ୍ରିତ ହୋଇ ଆସିଥିଲେ। ବିଗ୍ ବି 'ଅମିତାଭ ବଚ୍ଚନ ଯେତେବେଳେ ତାଙ୍କୁ 'ରାମାୟଣ' ସହିତ ଜଡିତ ଏକ ଖୁବ୍ ସହଜ ପ୍ରଶ୍ନ ପଚାରିଥିଲେ ହେଁ ସୋନାକ୍ଷୀ କିନ୍ତୁ ଏହାର ଉତ୍ତର ଦେଇପାରିନଥିଲେ। ରୁମା ଦେବୀ ଓ ସୋନାକ୍ଷୀଙ୍କୁ ପଚରା ଯାଇଥିଲା, ରାମାୟଣ ଅନୁସାରେ ହନୁମାନ କାହାପାଇଁ ସଞ୍ଜୀବନୀ ବୁଟି ନେଇ ଆସିଥିଲେ। ଏହି ପ୍ରଶ୍ନର ଅପଶନରେ ଥିଲା ଏ)ସୁଗ୍ରିବ, ବି)ଲକ୍ଷ୍ମଣ, ସି)ସୀତା, ଡି) ରାମ। ତେବେ ଉଭୟ ସୋନାକ୍ଷୀ ଓ ରୁମା ଏହି ସହଜ ପ୍ରଶ୍ନଟିର ଉତ୍ତର ସି) ସୀତା ହିଁ ଦେଇଥିଲେ। ତେବେ ଏତେ ସହଜର ପ୍ରଶ୍ନରୁ ଉତ୍ତର ଗୋଟେ ଛୋଟ ପିଲା ଦେଇପାରିବ। ପ୍ରଶ୍ନଟି ପାଇଁ ରୁମାଙ୍କୁ ଲାଇଫ ଲାଇନ ଗ୍ରହଣ କରିବାକୁ ପଡିଥିଲା। ଆର୍ଡଭାଇଜର ଲକ୍ଷ୍ମଣ ବୋଲି କହି ସଠି଼ ଉତ୍ତର ଦେଇଥିଲେ। ତେବେ ସବୁଠାରୁ ବଡ କଥା ହେଲା ସୋନାକ୍ଷୀଙ୍କ ପିତାଙ୍କ ନାମ ଶତ୍ରୁଘ୍ନ ସିହ୍ନା ଯିଏକି ରାମଙ୍କ ସାନ ଭାଇର ନାମ। ସୋନାକ୍ଷୀ ଯେଉଁ ଆପାର୍ଟମେଣ୍ଟରେ ରହୁଛନ୍ତି ତା'ର ନାମ ରାମାୟଣ ଓ ତାଙ୍କ ଭାଇଙ୍କ ନାମ ଲବ ଓ କୁଶ ହୋଇଥିବା ବେଳେ ଲକ୍ଷ୍ମଣ ତାଙ୍କର ଜଣେ ଦାଦାଙ୍କ ନାମ ହୋଇଥିବା ବେଳେ ସେ ଏଭଳି ପ୍ରଶ୍ନର ଉତ୍ତର ଦେଇ ନପାରିବାରୁ ଖାଲି ଦର୍ଶକ ନୁହନ୍ତି ବରଂ ବହୁ ପ୍ରଶଂସକ ତାଙ୍କୁ ଅଡୁଆ ତଡୁଆ ପ୍ରଶ୍ନ ମଧ୍ୟ କରିଛନ୍ତି।

## ବେଳାଭୂମି ଯଜ୍ଞ ମହୋତ୍ସବ

କାକଟପୁର, ୨୪/୧୧: ପବିତ୍ର ଧର୍ମ ମାସର ଶେଷ ତଥା କାର୍ତ୍ତିକ ପୂର୍ଣ୍ଣିମା ଏବଂ ବେଳାଭୂମି ବାଲିଯାତ୍ରା ଅବସରରେ ସମଗ୍ର ବିଶ୍ୱବାସୀଙ୍କ ଆଧାତ୍ମିକ ବିକାଶ ତଥା ବିଶ୍ୱ ଶାନ୍ତି ନିମନ୍ତେ ଅସ୍ତରଙ୍ଗ ସମୁଦ୍ର ବେଳାଭୂମି ଠାରେ ଅବସ୍ଥିତ ପ୍ରସିଦ୍ଧ ଗଙ୍ଗେଶ୍ୱର ମହାଦେବଙ୍କ ପୀଠରେ ସପ୍ତମ ବାର୍ଷିକ ଯଜ୍ଞ ମହୋତ୍ସବ, ସମୁଦ୍ର ଆଳତି ଏବଂ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବେଳାଭୂମି ଯଜ୍ଞ ମହୋତ୍ସବ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ସାଧୁସନ୍ଥମାନେ ଯୋଗଦେଇ ପ୍ରବଚନରେ ଭାଗ ନେଇଥିଲେ । ଏହି ଦୁଇ ଦିନ ବ୍ୟାପୀ କାର୍ଯ୍ୟକ୍ରମର ପ୍ରଥମ ଦିବସରେ କଳସ ଶୋଭାଯାତ୍ରା, ଗଙ୍ଗେଶ୍ୱର ମହାଦେବଙ୍କ ଆବାହନ ଏବଂ ଘଟ ସ୍ଥାପନ, ସୂର୍ଯ୍ୟପୂଜା, ଯଜ୍ଞ ଆରମ୍ଭ, ବୋଇତ ବନ୍ଦାଣ ଏବଂ ସଙ୍କୀର୍ତ୍ତନ ସହିତ ସାଧବ ପୁଅମାନଙ୍କୁ ସ୍ୱାଗତ, ଯଜ୍ଞ ପୂର୍ଣ୍ଣାହୁତି, ଯଜ୍ଞ ପୁସ୍ତିକା ଉନ୍ମୋଚନ ଏବଂ ସମୁଦ୍ର ଆଳତୀ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିବସରେ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ଏ ମାଟିର ମହକ' ଶିର୍ଷକ କଳା ଏବଂ ପ୍ରତିଭା ପ୍ରଦର୍ଶନ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ପରି ଏକ ସୁଚିନ୍ତିତ ସରସ ସୁନ୍ଦର କାର୍ଯ୍ୟକ୍ରମ କୁ ସଂଯୋଜକ, ବିଜେପି ତଥା ଜଗତସିଂହପୁର ଲୋକସଭାର କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପୁରୀ ଜିଲ୍ଲା ସାଂସଦ ପ୍ରତିନିଧି ଶ୍ରୀଯୁକ୍ତ ସୁଦର୍ଶନ ସ୍ୱାଇଁ ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନ ରେ ଆୟୋଜିତ ହୋଇ ସଫଳ ରୂପାୟନ ହୋଇଥିବାରୁ ସଂସ୍କୃତି ଗବେଷକ ଏବଂ ବିଭିନ୍ନ ବୁଦ୍ଧିଜୀବୀ ମହଲରୁ ଶ୍ରୀଯୁକ୍ତ ସ୍ୱାଇଁ ଙ୍କ ନିକଟକୁ ପ୍ରଶଂସା ର ସୁଅ ଛୁଟିଛି ।

## ମାନସିକ ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା

ଫୁଲବାଣୀ, ୨୪/୧୧: ସ୍ୱେଚ୍ଛାସେବି ଅନୁଷ୍ଠାନ ସ୍ୱାତୀ ଓ ବେସିକ ନିଡ୍ ଇଣ୍ଡିଆ ସହଯୋଗରେ ଚାଲିଥିବା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଆଜି ଏକ ଦିନିକିଆ କର୍ମଶାଳା ଜିଲ୍ଲା ଜି.ଏନ୍.ଏମ୍ ତାଲିମ୍ କେନ୍ଦ୍ର ଠାରେ ଆୟୋଜିତ ହୋଇଯାଇଛି । ମାନସିକ ଅସୁସ୍ଥ ବ୍ୟକ୍ତି ବିଶେଶଙ୍କୁ କୁପରି ଚିକିତ୍ସା ଦେବା ସହ ସେମାନଙ୍କର ଯତ୍ନ ନିଆଯାଇ ପାରିବ ତାହା ବର୍ତମାନ ସମୟରେ ଏକ ଚାଲେଞ୍ଜ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରି ଡାକ୍ତର ସନ୍ତୋଷ କୁମାର ପାଢି ଯୋଗ ଦେଇ ଚାପ ମୁକ୍ତ ଜିବନ ବିତାଇ ପାରିଲେ ମାନସିକ ଅସୁସ୍ଥତାକୁ ଦୂର କରିହେବ ବୋଲି ତାଙ୍କ ବକ୍ତବ୍ୟରେ ମତ ରଖିଥିଲେ । ତତ୍ସହିତ ଜାତିୟ ସ୍ୱାସ୍ଥ୍ୟ ମିଶନ୍ ର କନ୍ଧମାଳ ଜିଲ୍ଲା ପରିଚାଳକ ମନୋରଞ୍ଜନ ସାହୁ ଉପସ୍ଥିତ ରହି ଗାଁଗହଳି ରୁ ଆସି ଯୋଗ ଦେଇଥିବା ମାନସିକ ଅସୁସ୍ଥ ବ୍ୟକ୍ତି ମାନଙ୍କର ସହଯ ଓ ସୁସ୍ଥ ଜିବନ କାମନା କରିଥିଲେ । କାର୍ଯକ୍ରମରେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ରଜତ କୁମାର ଦିଗାଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରନ୍ , ଅତିରିକ୍ତ ଜିଲ୍ଲା ପଶୁ ଚିକିତ୍ସା ଅଧିକାରି ଡାକ୍ତର ପ୍ରଣବ କିଶୋର ପଟନାୟକ, ଫୁଲବାଣୀ ବ୍ଲକ୍ ସାମିଜିକ ସୁରକ୍ଷା ଅଧିକାରୀ ଉଷାରାଣୀ ପ୍ରଧାନ, ଫୁଲବାଣୀ ଶିଶୁ ବିକାଶ ଅଧିକାରି ବୈଜୟନ୍ତି ମଲ୍ଲିକ ଉପସ୍ଥିତ ରହି ମାନସିକ ଅସୁସ୍ଥତାରୁ ଜନସାଧାରଣଙ୍କୁ ମୁକୁଳାଇବାକୁ ହେଲେ ଯତ୍ନକାରୀ ମାନଙ୍କର ଭୂମିକା ଅଧିକ ରଖିବାକୁ ପଡିବ ବୋଲି କହିଥିଲେ ତତ୍ସହିତ ଗ୍ରାମ୍ୟ ସ୍ତରରେ ମହିଳା ଓ ଶିଶୁବିକାଶ




ତରଫରୁ ନଜର ରଖାଜିବ ବୋଲି ପ୍ରତିଶୃତି ଦେଇଥିଲେ ଏବଂ ନିଜ ନିଜ ବିଭାଗରେ ଥିବା ବ୍ୟବସ୍ଥାକୁ ପାଥେୟ କରି ଯେତେ ଦୂର ସମ୍ଭବ ସହାୟତା ଯୋଗାଇଦେବାକୁ ପ୍ରତିଶୃତି ଦେଇଥିଲେ । ବରିଷ୍ଠ ଆଇନ୍‌ଜୀବୀ ବିଜୟକୃଷ୍ଣ ପଟ୍ଟନାୟକ ରୋଟାରୀ କ୍ଲବ୍ ଫୁଲବାଣୀଙ୍କ ତରଫରୁ ସମସ୍ତ ସହଯୋଗ କରାଯିବ ବୋଲି ଘୋଷଣା କରିଥିଲେ । ବେସିକ୍ ନିଡ୍ ଇଣ୍ଡିଆର ରାଜ୍ୟ ସଂଯୋଜକ ରାଜିବ କର୍ମୀ ପ୍ରକଳ୍ପ ମାଧ୍ୟମରେ କରାଯାଉଥିବା କାର୍ଯ୍ୟକ୍ରମ ଗୁଡିକୁ ଉପସ୍ଥାପନା କରିବା ସହିତ ଏହା କିପରି ଗୋଷ୍ଠି ସ୍ତରରେ ପରିଚାଳନା କରାଯାଇପାରିବ ତାହା ଗୁରୁତ୍ୱ ଦେଇଥିଲେ । ଅନୁଷ୍ଠାନର ସଂପାଦକ ହରି ଶଙ୍କର ରାଉତ ସଭା ପରିଚାଳନା କରିବା ସହ ସ୍ୱାତୀ ଅନୁଷ୍ଠାନ ସଦାସର୍ବଦା ମାନସିକ ଅସୁସ୍ଥ ବ୍ୟକ୍ତି ଙ୍କ ପାଇଁ ସବୁ ସମୟରେ ସେବା ଜାରିରଖିବ ବୋଲି ପ୍ରତିଶୃତି ଦେଇଥିଲେ । ମାନସିକ ଅସୁସ୍ଥ କାର୍ଯ୍ୟକ୍ରମର ଏକ ସମ୍ୟକ ବିବରଣୀ ପ୍ରକଳ୍ପ ସଂଯୋଜକ ବୈକୁଣ୍ଠ ଚନ୍ଦ୍ର ଦାସ ପି.ପି.ଟି. ମାଧ୍ୟମରେ ଉପସ୍ଥାପନା କରିଥିଲେ ।ଆଲୋକ ସାମନ୍ତରାଏ, ପ୍ରଦିପ ସ୍ୱାଇଁ ଓ ଅନ୍ୟ ସ୍ୱେଚ୍ଛାସେବୀ ମାନେ ପରିଚାଳନା ରେ ସହ ଯୋଗ କରିଥିବାବେଳେ ପରିବାର ସହାୟକ ଗୋଷ୍ଠି ତରଫରୁ ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହାନଦୀ ପୂଜନ ସମିତର ଗଡଗଡିଆ ଘାଟ ଠାରେ ମହାନଦୀ ରେ ୨୯ତମ ମହାଆଳତୀ

କଟକ, ୨୪/୧୧: ଗଡଗଡିଆ ଘାଟ ମହାନଦୀ କୂଳରେ ମହାନଦୀ ପୂଜନ ସମିତି ପକ୍ଷରୁ ପ୍ରତି ମାସର ପୂର୍ଣ୍ଣିମା ଭଳି ଚଳିତ କାର୍ତ୍ତିକ ପୂର୍ଣ୍ଣମୀ (ରାସ ପୂର୍ଣ୍ଣିମା) ର ସଂଧ୍ୟାରେ ଅନୁଷ୍ଠାନର ସଭାପତି ଶ୍ରୀ କ୍ଷୀରୋଦ କୁମାର ସାହୁଙ୍କ ପୌରୋହିତ୍ୟରେ ସହସ୍ରାଧିକ ଲୋକଙ୍କ ଗ୍ରହଣ ରେ ମହାସମାରୋହରେ ପାଳିତ ସୋଇଯାଇଛି। ଏଥିରେ ପୁରୀର ମହୋଦଧି ଆଳତିର ମୁଖ୍ୟ ସେବାୟତ ଗୁରୁଜୀ ଶ୍ରୀ ଜୟ ନାରାୟଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ମହାନଦୀର ପରିତ୍ୟକ୍ତ ଅବସ୍ଥାକୁ ଆଳତୀର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର ନାଥ ପଣ୍ଡା, ୧୯ ଦିଗ ଭାଗ ସ୍ୱାଧିକାରୀ ଶ୍ରୀ ବିରେନ୍ଦ୍ର କୁମାର ସାହୁ,କଟକ ଜିଲ୍ଲା ବ୍ରାହ୍ମଣ ମହାସଭାର ଯୁଗ୍ମ ସମ୍ପାଦକ ଶ୍ରୀ ଆଶୀଷ କୁମାର ପତି, କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସର୍ବବ୍ୟବସ୍ଥାପକ ଶ୍ରୀ ଗୋପାଳ ଚନ୍ଦ୍ର ମିଶ୍ର, କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସହ ସମ୍ପାଦକ ଶ୍ରୀ ନିବାସ ଚନ୍ଦ୍ର ମିଶ୍ର, ନୀଳଚକ୍ରର ଉପସଭାପତି ନିବାସ ଚନ୍ଦ୍ର ରାଉତ ,ଝାଇମୁଣ୍ଡି ବରିଷ୍ଠ ନାଗରିକ ସଂଘର ଶ୍ରୀ ବିକ୍ରମ ଲେଙ୍କା,ପୂଜକ ବାବୁଲି ନନା,ଅଜୁ ନନା, ଶ୍ରୀ ପାରସ୍ ଶାହା ପ୍ରମୁଖ ଆଳତି ରେ ମହାନଦୀ ର ସୁରକ୍ଷା ପାଇଁ ଆଳତି ରେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ଗଙ୍ଗାଧର ବେହେରା ସଂଯୋଜନା କରିଥିଲାବେଳେ କାର୍ଯ୍ୟକାରୀ ସଭାପତି ଶ୍ରୀ ହେମନ୍ତ କୁମାର ସାହୁ,ଉପ ସଭାପତି ଶ୍ରୀ ଜଗନ୍ନାଥ ଚୌଧୁରୀ, ରବିନ୍ଦ୍ର କୁମାର ସାହୁ, ଯଶୋବନ୍ତ ବେଉରା, ଯୁଗ୍ମ ସମ୍ପାଦକ ଶ୍ରୀ ବିଶ୍ୱ ରଞ୍ଜନ ମହାନ୍ତି ଏବଂ ହେମନ୍ତ କୁମାର ନାୟକ ପ୍ରମୁଖ ପରିଚାଳନ ରେ ମୁଖ୍ୟ ଭାଗ ନେଇଥିଲେ।

## ବାଲ ରକ୍ଷା ଭାରତ ତରଫରୁ ୟି ନି ସି ଆର ସି ସପ୍ତାହ ପାଳନ

ଫୁଲବାଣୀ : ଖଜୁରୀପଡ଼ାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାଲ ରକ୍ଷା ଭାରତ ଓ ଶିକ୍ଷା ବିଭାଗର ମିଳିତ ଉଦ୍ୟମରେ ୟି ନି ସି ଆର ସି ସପ୍ତାହ ପାଳନ କରାଯାଇଥିଲା। ଏହି ବର୍ଷର ବାର୍ତା ଥିଲା 'ଭବିଷ୍ୟତକୁ ଶୁଣନ୍ତୁ' । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୁଶ୍ରୀ ଅନିମା କହଁର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀମତି ଜ୍ୟୋସ୍ନାରାଣୀ ମଲ୍ଲିକ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତି ଶିବାରାଣୀ ମଲ୍ଲିକ ଯୋଗ ଦେଇଥିଲେ ।ସେମାନେ ଜଳବାୟୁ ପରିବର୍ତ୍ତନ, ଶିଶୁ ଅଧିକାର ଏବଂ ସମାଜରେ ସଚେତନତା ସୃଷ୍ଟିର ଆବଶ୍ୟକତା ବିଷୟରେ ନିଜର ମତ ରଖିଥିଲେ। ବାଲ ରକ୍ଷା ଭାରତର ଖଜୁରୀପଡା ସ୍ଥିତ ଯୁବ ପ୍ରତିନିଧି ମାନେ ମଧ ଏହି କାର୍ଯ୍ୟକ୍ରମରେ ସହଭାଗୀ ହୋଇଥିଲେ ଓ ନିଜ ଆଞ୍ଚଳିକ ସମସ୍ୟାଟି ବ୍ଲକ ଅଧକ୍ଷାଙ୍କୁ ପ୍ରଦାନ କରିଥିଲେ ।ଏହି ଅବସରରେ ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ, ଭୂମିକା ଅଭିନୟ, ଏବଂ ଜଳବାୟୁ ପରିବର୍ତ୍ତନ ବିଷୟରେ ସଚେତନତା ଭାଷଣ ଦ୍ୱାରା ତାଙ୍କର ପ୍ରତିଭା ଦେଖାଇଥିଲେ। ବ୍ଲକ ଅଧକ୍ଷା ବାଲ ରକ୍ଷା ଭାରତଦ୍ୱାରା ନିଆ ଯାଉଥିବା ପଦକ୍ଷେପକୁ ପ୍ରସଂଶା କରିଥିଲେ। ' ପୃଥିବୀର ସୁରକ୍ଷା ମୋର ଦାୟିତ୍ୱ' ଶୀର୍ଷକ ଦସ୍ତଖତ ଅଭିଯାନରେ ସମସ୍ତ ଅଂଶ ଗ୍ରହଣକାରୀ ମାନେ ନିଜର ଦସ୍ତଖତ ଦ୍ୱାରା ସମ୍ମତି ପ୍ରଦାନ କରିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର ମନୋଜ କୁମାର ମିଶ୍ରଙ୍କ ତତ୍ୱାବଧାନରେ ବାଲ ରକ୍ଷା ଭାରତ ସହକର୍ମୀ ସଞ୍ଜୟ କୁମାର ରାଉତ, ହୋସନା ଅଖତାରୀ, ଶିବାନୀ ପାଣିଗ୍ରାହୀ, ନିରୁପମା ତାଣ୍ଡିଙ୍କଏବଂ ଉପସ୍ଥିତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହଯୋଗ ରେ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ ହୋଇଥିଲା।

## ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଝରୀଗାଁ - ୨୪/୧୧-ଝରୀଗାଁ ବ୍ଲକ ବେଲଗାଁ ପଂଚାୟତର କର୍ମରୀ ଗ୍ରାମ ସ୍ଥିତ କସ୍ତୁର୍ବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ବାର୍ଷିକ ଉତ୍ସବ ୨୦୨୪ ଅନୁଷ୍ଠିତ ହୋଇଛି । ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥିଭାବେ ଝରୀଗାଁ ବିଧାୟକ ନରସିଂହ ଭତରା ଯୋଗଦେଇଥିଲେ ।ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ବାଳିକା ଶିକ୍ଷା ସଂଯୋଜିକା ମମତା ପରିଚ୍ଛା ପ୍ରମୁଖ ଯୋଗ ଦେଇଥିବା । ବରେଣ୍ୟ ଅତିଥିଭାବେ ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ ମଞ୍ଚାସିନ ରହିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ଝରୀଗାଁ ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ଧାରୁଆ ସଭାପତିତ୍ୱ କରିଥିଲେ । ଝରୀଗାଁ ସହ-ବ୍ଲକ ଶିକ୍ଷା ଅଧିକାରୀ ଦଶରଥ ଗଣ୍ଡ ମଞ୍ଚ ପରିଚାଳନା କରିଥିଲେ ଓ କର୍ମରୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ସହ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।ଶ୍ରୀଯୁକ୍ତ ଗଣ୍ଡ ଓ ବିଧାୟକ ବିଦ୍ୟାଳୟ ପରିସର ମଧ୍ୟରେ ପ୍ରବେଶ କରି ପ୍ରଥମେ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପହଂଚି ଫିତାକାଟି ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ ।ପରେ କେ ଜି ଭି ବି ନୂତନ ଛାତ୍ରାବାସର ଫିତାକାଟି କାଟି ନୂତନ ଛାତ୍ରାବାସର ଶୁଭ ଉଦ୍ଘାଟନ କରିଥିଲେ । ମଞ୍ଚରେ ପହଂଚି ବାର୍ଷିକ ଉତ୍ସବ ଉପରେ ଅବିଭାଷଣ ରଖିବା ସହ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ମହାପୁରୁଷ ମାନଙ୍କ ଜୀବନୀ ବିଷୟରେ ସଂକ୍ଷେପରେ ବୁଝେଇବା ସହ ମନ ଲଗାଇ ପାଠ ପଢିବା ଓ ଦେଶ ଓ ଜାତି ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ ।

## ବୁଢାକେନ୍ଦୁଆ ଠାରେ ଥିବା ଏବି ଏଗ୍ରୋ ଫୁଡ୍ ଠାରେ ଶ୍ରମିକ ଆନ୍ଦୋଳନ

ଚଣ୍ଡିଖୋଲ ୨୪/୧୧ (ନିପ୍ର) ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ ସମିଆ ପଞ୍ଚାୟତ ର ବୁଢାକେନ୍ଦୁଆ ଠାରେ ଥିବା ଏବି କୋଲଡ ଓ ଏଗ୍ରୋ ଫୁଡ୍ ପ୍ରାଇଭେଟ ଲିମିଟେଡ କମ୍ପାନୀ। ଯାହା ଛତୁ ଉତ୍ପାଦନ କରେ। ଏହି କମ୍ପାନୀରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୫୦ ଜଣ ଲୋକେ କାମ କରନ୍ତି। ଓ ବାହାର ରାଜ୍ୟରୁ ପ୍ରାୟ ୩୦ ଜଣ ଶ୍ରମିକ। କାର୍ଯ୍ୟ କରନ୍ତି। ରାଜ୍ୟ ବାହାର ଶ୍ରମିକ ମାନଙ୍କୁ ମୋଟା ଅଙ୍କର ଦରମା ପ୍ରଦାନ କରୁଥିବା ବେଳେ। ସ୍ଥାନୀୟ ଅଞ୍ଚଳର ଶ୍ରମିକ ମାନଙ୍କୁ ଦୈନିକ ୧୫୦ ଟଙ୍କା ରୁ ୨୫୦ ଟଙ୍କା ପର୍ଯ୍ୟନ୍ତ ମଜୁରୀ ପ୍ରଦାନ କରୁଛି। ଉକ୍ତ ବିଷୟରେ ବାରମ୍ବାର ମାଲିକଙ୍କୁ ଜଣାଇବା ସତ୍ୱ। କିଛି ଫଳ ନ ମିଳିବାରୁ ଆଜି ଶ୍ରୀ ଶ୍ରମିକ ମାନେ ଫାଟକ ନିକଟରେ ଧାରଣ ଦେଇଥିଲେ। ଫଳରେ କୈଣସି ଶ୍ରମିକ କାମରେ ଯୋଗ ଦେଇନଥିଲେ। ଉକ୍ତ ଧାରଣ ସମ୍ପର୍କରେ ଖବର ପାଇ ସମିଆଁ ସରପଞ୍ଚ ବିଶ୍ୱ ବିଜୟୀ ବ୍ରହ୍ମ ଘଟଣା ସ୍ଥଳରେ ପହଞ୍ଚି ଶ୍ରମିକ ମାନଙ୍କ ସହିତ ଓ ଛତୁ କମ୍ପାନୀ ମ୍ୟାନେଜମେଣ୍ଟ ସହିତ ଆଲୋଚନା କରି। ଶ୍ରମିକ ମାନଙ୍କ ସମସ୍ୟା ସରକାରଙ୍କ ନୟମ ଅନୁସାରେ ଶୀଘ୍ର ସମାଧାନ କରିବା ପାଇଁ କମ୍ପାନୀ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ। ଧାରଣ ପ୍ରତିହତ ହୋଇଥିଲା।

## ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନଠାରେ ୭୧ତମ ସମବାୟ ସପ୍ତାହ ପାଳିତ

ଫୁଲବାଣୀ, ୨୪/୧୧: ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନଠାରେ ଜିଲା ସମବାୟ ସଂଘ ସଭାନେତ୍ରୀ ସୁପ୍ରଭା ନାୟକଙ୍କ ସଭାପତିତ୍ୱ ରେ ୭୧ତମ ସମବାୟ ସପ୍ତାହ ପାଳିତ ହୋଇଯାଇଛି ।ଏହି ଅବସରରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କନ୍ଧମାଳ ଜିଲ୍ଲାରେ ଅଧିକ ସମବାୟ ଅନୁଷ୍ଠାନ ଗଠନ କରି ଗୁଜୁରାଟ ଓ ଆନ୍ଧ୍ରପ୍ରଦେଶ ଭଳି ସଶକ୍ତିକରଣ କରିବାକୁ ପରାମର୍ଶ ଦେଇଥିଲେ ।ସରକାର ଚାଷୀଙ୍କ ଉନ୍ନତି ପାଇଁ ଧାନର ସର୍ବନିମ୍ନ କିଣା ଦାମ ୩୧୦୦ଟଙ୍କା ଚଳିତ ଧାନ କିଣାରେ ପ୍ରଦାନ କରୁଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଜି ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଥିବା ବେଳେ ,ବୌଦ୍ଧ ସମବାୟ ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ, ଡିଆରସିଏସ ତୃପ୍ତି କଲ୍ୟାଣ ସେଠୀ , ନାବାର୍ଡ ଡିଡିଏମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମବାୟ ଆନ୍ଦୋଳନକୁ ଜିଲାରେ ମଜଭୂତ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସମବାୟ ସଂଘର ୧୨ଜଣ ପରିଚାଳନା ନିର୍ଦ୍ଦେଶକ ଓ ବିଭିନ୍ନ ଲ୍ୟାମ୍ପସ ଚାଷୀ ଭାଇ ମାନେ ଯୋଗ ଦେଇଥିଲେ। ୧୯୦୪ମସିହା ଠାରୁ ଦେଶରେ ସମବାୟ ଆଇନ କାର୍ଯ୍ୟକାରୀ ହୋଇଥିଲା ବେଳେ ଓଡିଶାରେ ତାର ୬ ବର୍ଷ ପୂର୍ବରୁ ଉତ୍କଳ ଗୌରବ ମଧୁସୂଦନ କଟକରେ ଖାଉଟି ସମବାୟ ଭଣ୍ଡାର ପ୍ରତିଷ୍ଠା କରି ସମବାୟ



ଆନ୍ଦୋଳନର ମୂଳଦୁଆ ପକାଇଥିଲେ ବୋଲି ସଂଘ ର ସଭାନେତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଜନସାଧାରଣଙ୍କ ସାମାଜିକ ଓ ଅର୍ଥ ନୈତିକ ବିକାଶ ରେ ସମବାୟ ଅନୁଷ୍ଠାନ ମାନଙ୍କର ଭୂମିକା ଗୁରୁତ୍ୱ ପୂର୍ଣ୍ଣ ।ସମବାୟ ଆନ୍ଦୋଳନ ସଶକ୍ତ ହେଲେ ରାଜ୍ୟ ତଥା ଦେଶର ଅର୍ଥ ନୈତିକ ବିକାଶ ହୋଇ ପାରିବ ବୋଲି ମଧୁବାବୁ କହୁଥିଲେ। ମଣିଷର ଅର୍ଥ ନୈତିକ ବିକାଶ ପାଇଁ ସମବାୟ ହିଁ ପ୍ରକୃଷ୍ଟ ମାଧ୍ୟମ ।ଏହି ଅବସରରେ କନ୍ଧମାଳ ଜିଲ୍ଲାର ସମବାୟ ଆନ୍ଦୋଳନର ପୁରୋଧା ହିସାବରେ ଗୌରୀ ଶଙ୍କର ପଟନାୟକଙ୍କୁ ଅତିଥିମାନେ ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ ।ଶ୍ରେଷ୍ଠ ଲ୍ୟାମ୍ପସ ଭାବେ ଜି ଉଦୟଗିରି ଓ ବ୍ରାହ୍ମଣୀ ଗାଁ ଲ୍ୟାମ୍ପସକୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।ନିଷ୍ପାପର ସେବା ପାଇଁ ଫୁଲବାଣୀ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଭୀମସେନ ସାହୁ ଓ ବାଲିଗୁଡା ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ସୁନିଲ ସାହୁଙ୍କୁ ମଞ୍ଚରେ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।ଏହି ଅବସରରେ ଫୁଲବାଣୀ ବୌଦ୍ଧ ସମବାୟ ବ୍ୟାଙ୍କ ପରିଚାଳକ କ୍ଷୀରୋଦ କୁମାର ମିଶ୍ର, ଇନ୍ସପେକ୍ଟର ସତ୍ୟଜିତ ସେଠୀ,ଅଡିଟର ଗୋପାଳ କୃଷ୍ଣ ପ୍ରଧାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।ଏହା ସହିତ ୨୪ଗୋଟି ଲ୍ୟାମ୍ପସର ୨୪ଜଣ ଅଗ୍ରଣୀ ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁଜରାଟ ଆନ୍ଧ୍ରପ୍ରଦେଶ ଭଳି ଓଡିଶାରେ ସମବାୟ ଆନ୍ଦୋଳନ ସଶକ୍ତ ହେବା ଆବଶ୍ୟକ। ସେଥିପାଇଁ ହୀନମନ୍ୟତା ଓ ସ୍ୱାର୍ଥପରତା ଛାଡି ସହଭାଗିତା ଓ ସହଯୋଗ ବୃଦ୍ଧି ହେବା ଆବଶ୍ୟକ ବୋଲି ବିଧାୟକ କହିଥିଲେ। କନ୍ଧମାଳ ଜିଲ୍ଲାରେ ବିକଳ୍ପ ରୋଜଗାର ପାଇଁ ପ୍ରତି ବ୍ଲକରେ ଓ ପଞ୍ଚାୟତ ରେ ସମବାୟ ସମିତି ଗଠନ କରି ଗରିବ ଖଟିଖିଆଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ବ୍ୟବସ୍ଥା କରିବା ଆବଶ୍ୟକ ।ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତା ରେ ୧୩ଜଣ କୃତି ପ୍ରତିଯୋଗୀଙ୍କୁ ଟ୫୦୦୦/-, ଟ୩୦୦୦/- ଓ ଟ୨୦୦୦/- ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ସମବାୟ ସମୂହ ନିବନ୍ଧକ ସୁକାନ୍ତ କୁମାର ପାଢୀ ସଂଯୋଜନା କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର କହଁର, ଭୀମସେନ ସାହୁ, ସଂଘ ସମ୍ପାଦିକା ଜ୍ୟୋତିର୍ମୟୀ ପ୍ରଧାନଙ୍କ ସହ ସମସ୍ତ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ ।ସମବାୟ କାର୍ଯାଳୟଠାରେ ସପ୍ତାହ ପ୍ରାରମ୍ଭରେ ସମବାୟ ପତକା ଉତ୍ତୋଳନ କରାଯାଇଥିଲା ।ସଂଘ ର ଉପସଭାପତି କିଶୋର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକଙ୍କୁ ଅନନ୍ତ୍ର ବଦଳି କରାଯାଇଥିବାରୁ ଛାତ୍ରଛାତ୍ରୀ ମାନଙ୍କର ଧାରଣା



ଏରସମା ୨୪/୧୧ ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିଶିର କାନ୍ତ ସାହୁଙ୍କୁ ଢ଼ିଙ୍କିଆ ପଞ୍ଚାୟତ ଗୋବିନ୍ଦପୁର ସ୍କୁଲକୁ ଅନନ୍ତ୍ର ବଦଳି ହୋଇଥିବା ସହିତ ଚଟୁଆ ଉଚ୍ଚ ବିଦ୍ୟାଳୟକୁ ନୂତନ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ପାଇଁ ଚଟୁଆ ପରିଚାଳନା କମିଟିର ସଭାପତି, ପରିଚାଳନା କମିଟିର ମେମ୍ବରମାନେ , ଅଭିଭାବକ ମାନଙ୍କ ସହିତ ସ୍କୁଲର ଛାତ୍ରଛାତ୍ରୀ ମାନେ ଦୁଇ ଘଣ୍ଟା ଧରି ସ୍କୁଲ ପରିସରରେ ଧାରଣାରେ ବସିଥିଲେ। ସ୍କୁଲର ଛାତ୍ରଛାତ୍ରୀ ମାନେ ଦାବି କରିଥିଲେ ଆମର ଶିକ୍ଷକ ଶିଶିର କାନ୍ତ ସାହୁ ଆମ ସ୍କୁଲକୁ ନ ଆସିବା ପର୍ଯ୍ୟନ୍ତ ଆମ୍ଭେମାନେ କ୍ଲାସକୁ ପାଠ ପଢ଼ିବାକୁ ଯିବୁ ନାହିଁ କି ମଧ୍ୟାହ୍ନ ଭୋଜନ ଖାଇବୁ ନାହଁ। ଆଜି ଛାତ୍ରଛାତ୍ରୀ ମାନେ ମଧ୍ୟାହ୍ନ ଭୋଜନ ନ ଖାଇକିରି ଘରକୁ ଫେରି ଯାଇଛନ୍ତି। ଚଟୁଆ ଉଚ୍ଚ ବିଦ୍ୟାଳୟରେ ଚଟୁଆ ପ୍ରାଥମିକ ସ୍କୁଲୁ ଯୋଡ଼ି ହୋଇଥିବାରୁ ଚଟୁଆ ସ୍କୁଲର ୩୭୭ ଜଣ ଛାତ୍ରଛାତ୍ରୀ ମାନେ ପାଠ ପଢୁଛନ୍ତି। ପାଠ ପଢ଼ାରେ ବାଧାପ୍ରାପ୍ତ ସୃଷ୍ଟି ହୋଇଥିବା ଯୋଗୁଁ ଯଥାଶୀଘ୍ର ଚଟୁଆ ଉଚ୍ଚ ବିଦ୍ୟାଳୟକୁ ନୂତନ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ଦେବା ସହିତ ଚଟୁଆ ସ୍କୁଲର ଶିକ୍ଷକ ଶିଶିର କାନ୍ତ ସାହୁଙ୍କୁ ପୂର୍ଣ୍ଣବାର ନିଯୁକ୍ତି କରିବାପାଇଁ ଚଟୁଆ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦେବଦତ୍ତ ସାହାଣୀ, ଆଲୁମିନିୟମ କମିଟିର ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ପରିଚାଳନା କମିଟିର ସଦସ୍ୟ ରମେଶ ଚନ୍ଦ୍ର ଗୋଛାୟତ, ମମତା ସ୍ୱାଇଁ, ଦମୟନ୍ତୀ ଗୋଛାୟତ, ସାଜେଦା ବିବି, ଅଭିଭାବକ ସୁମନ ସ୍ୱାଇଁ, ଟୁଲୁ ନାଥ, ବିମ୍ବାଧର ବିଶ୍ୱାଳ, ଶଶିଭୂଷଣ ମହାନ୍ତି , ମଳୟ ରଞ୍ଜନ ସୂତାର ,ଲୋକନାଥ ଜେନାଙ୍କ ସମେତ ଚଟୁଆ ସ୍କୁଲର ପରିଚାଳନା କମିଟିର ସଦସ୍ୟ ଓ ଅଭିଭାବକ ମାନେ ଧାରଣାରେ ବସିଛନ୍ତି ।ଜଗତସିଂହପୁର ଜିଲ୍ଲାପାଳ, ଜଗତସିଂହପୁର ଡିଇଓ, ଏରସମା ବିଡ଼ିଓ, ଏରସମା ବିଇଓ ଯଥାଶୀଘ୍ର ଚଟୁଆ ଉଚ୍ଚ ବିଦ୍ୟାଳୟରେ ନୂତନ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ଦେବା ସହିତ ଚଟୁଆ ସ୍କୁଲର ଶିକ୍ଷକ ଶିଶିର କାନ୍ତ ସାହୁଙ୍କୁ ପୂର୍ଣ୍ଣବାର ନିଯୁକ୍ତି ନଂ କରିଲେ ଚଟୁଆ ସ୍କୁଲର ଗେଟକୁ ତାଲା ପକାଇବା ସହିତ ରାଜରାସ୍ତାରେ ଧାରଣରେ ବସିବେ ବୋଲି ପରିଚାଳନା କମିଟିର ମେମ୍ବର ଓ ଅଭିଭାବକ ମାନେ ଚେତାବନୀ ଦେଇଛନ୍ତି।

## ଗୁମ୍ମା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା କାଟ୍ ଖାଇଲା

ପାରଳାଖେମୁଣ୍ଡି, ୨୪/୧୧: ଗଜପତି ଜିଲ୍ଲା ଗୁମ୍ମା ବ୍ଲକ୍ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ କାଟ ଖାଇଛି । ଗତ କିଛି ମାସ ପୂର୍ବେ କିଛି ସମିତି ସଭ୍ୟ ଓ ସଭ୍ୟା ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରି ଜିଲାପାଳଙ୍କ ନିକଟରେ ପିଟିସନ ଦାଖଲ କରିଥିଲେ ଜିଲାପାଳ ତାହାକୁ ଗ୍ରହଣ କରି ଅନାସ୍ଥା ପ୍ରସ୍ତାବ ଭୋଟ ପାଇଁ ଆଦେଶ ଦେଇଥିଲେ । ଗୁମ୍ମା ପଞ୍ଚାୟତ ସମିତିର ସଭାଗୃହରେ ଭୋଟିଂ ପ୍ରକ୍ରିୟା ଆରମ୍ଭ କରିବାକୁ ଯାଇ ପ୍ରିଜାଇଡିଂ ଅଧିକାରୀ ଭାବେ କାଶୀନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଳିକ ଉପସ୍ଥାନ ଗ୍ରହଣ କାର୍ଯ୍ୟ ଆରମ୍ଭ କରିଥିଲେ । ମୋଟ ୪୧ଜଣ ସଦସ୍ୟ ମଧ୍ୟରୁ କେବଳ ବଳ ୧୪ଜଣ ଉପସ୍ଥିତ ହୋଇଥିଲେ । ତେଣୁ କୋରମ ଅ ଅଭାବରୁ । ନିୟମ ଅନୁଯାୟୀ ଦୁଇ ତୃତୀୟାଂଶ ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ହୋଇଥାନ୍ତା କିନ୍ତୁ ଆବଶ୍ୟକ ସଭ୍ୟ ଉପସ୍ଥିତ ହୋଇ ନଥିବାରୁ ଆଜିର ଅନାସ୍ଥା ପ୍ରସ୍ତାବର ଭୋଟିଂ ପ୍ରକ୍ରିୟା ହୋଇପାରିନଥିଲା । ତେଣୁ ଅଧ୍ୟକ୍ଷା ସୁନେମି ମଣ୍ଡଳଙ୍କ ପଦ କାଏମ ରହିଥିଲା । ଏହି ଭୋଟିଂ ପ୍ରକ୍ରିୟାରେ ଗୁମ୍ମା ତହସିଲଦାର ଦେବୀ ପ୍ରସନ୍ନ ସାସ୍କୁତ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ବେଳେ ଗୁମ୍ମା ଜିପିଇଓ ଟି. ସୁରିନାରାୟଣ ପରିଚାଳନା କରିଥିଲେ ।

## ପଲ୍ଲୀଶ୍ରୀ ମେଳା ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି, ୨୪/୧୧ : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ବିଜୟ କୁମାର ଦାଶ, ଜିଲ୍ଲାପାଳ ଗଜପତିଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡ଼.ଗୁଣନିଧି ନାୟକ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି, ଉପ-ଜିଲ୍ଲାପାଳ ଅନୁପ ପଣ୍ଡା,ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ ଓ ସୁଭଳ କୁମାର ଜେନାମଣି,ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓରମାସ୍,ଗଜପତି ପ୍ରମୁଖ ମଞ୍ଚାସିନ ଥିଲେ। ଜିଲ୍ଲାସ୍ତରୀୟ ପଲ୍ଲୀଶ୍ରୀ ମେଳା ଆସନ୍ତା ତା.୧୮ ଡିସେମ୍ବର,୨୦୨୪ ରିଖ ଠାରୁ ତା.୨୨ ଡିସେମ୍ବର, ୨୦୨୪ ରିଖପର୍ଯ୍ୟନ୍ତ ପଞ୍ଚ ଦିନ ଧରି ଗଜପତି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବ। ପଲ୍ଲୀଶ୍ରୀ ମେଳା ଦ୍ୱାରା ଜିଲ୍ଲାର ଗ୍ରାମାଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ଲାଭବାନ ହେବା ସହ ସେମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ସାମଗ୍ରୀ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବାରେ ସହାୟକ ହୋଇପାରିବ । ଏହି ମେଳାରେ ପ୍ରଦର୍ଶନୀ ନିମନ୍ତେ ୨୦୦ ରୁ ଉର୍ଦ୍ଧ ଗୋଟି ଷ୍ଟଲ ଖଲାଯିବାକୁ ସ୍ଥିର କରାଯାଇଛି। ଏହି ମେଳାରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ଦ୍ୱାରା ବିଭିନ୍ନ ସାମଗ୍ରୀ ସମେତ ବିଭିନ୍ନ ଘରୋଇ ଉପକରଣ, ବସ୍ତ୍ରଳାୟ ଇତ୍ୟାଦି ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ରଖାଯିବ । ଏହାସହ ଜିଲ୍ଲା ପ୍ରଶାସନ ପକ୍ଷରୁ ବନବିଭାଗ, ମତ୍ସ୍ୟ ବିଭାଗ, ଓରମାସ, ସମ୍ପନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କୃଷି ବିଭାଗ, ଉଦ୍ୟାନ, ସ୍ୱାସ୍ଥ୍ୟ, ବ୍ୟାଙ୍କ, ଶିଶୁ ସୁରକ୍ଷା, ଜିଲ୍ଲା ଶିଳ୍ପ କେନ୍ଦ୍ର ବୋଲି ବିଭିନ୍ନ ବିଭାଗର ଷ୍ଟଲ ଖଲାଯିବ । ଏହା ସହିତ ପ୍ରତିଦିନ ସ୍ଥାନୀୟ କଳାକାରମାନଙ୍କୁ ନେଇ ସାଂସ୍କୃତିକ ଓ ଜିଲ୍ଲାର ପାରମ୍ପାରିକ ଅଧିବାସୀ ନୃତ୍ୟର କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଟିମନ୍ ବାରା, ଜିଲ୍ଲା ପ୍ରକଳ୍ପ ସଂଯୋଜକ,ମିଶନ ଶକ୍ତି ଗଜପତି, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଣ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।



## ମରଣଯନ୍ତା ପାଲଟିଛି ନିତିଦିନିଆ ରାସ୍ତା



ପାରଳାଖେମୁଣ୍ଡି, ୨୪/୧୧: ଗଜପତି ଜିଲ୍ଲାରେ ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା ରୂପକ ଖେଳ ଯୋଗୁଁ ସାଧାରଣଙ୍କ ପାଇଁ ଏହା କାଳ ପାଲଟିଛି। ନିତିଦିନିଆ ମୁଖ୍ୟ ରାସ୍ତାକୁ ନିର୍ମାଣ କରିବା ପାଇଁ ଗତ ୨ ସପ୍ତାହ ଧରି ୨ କିମି ଉର୍ଦ୍ଧ ରାସ୍ତା ଖୋଳି ଦେଇ ସେପରି ଛାଡି ଦେବା ଯୋଗୁଁ ସମ୍ପୃକ୍ତ ରାସ୍ତାଟି ମରଣଯନ୍ତା ପାଲଟିଛି। ଏହି ରାସ୍ତା ନିକଟରେ ରହିଥିବା ଜନବସତିରେ ଏହି ରାସ୍ତା ଯୋଗୁଁ ଧୂଳି ଧୂସରରୁ ରକ୍ଷା ପାଇବା ପାଇଁ ଲୋକେ ପ୍ରତେକ ଦିନ ୨୪ ଘଣ୍ଟା କବାଟ ବନ୍ଦ କରି ଘରେ ରହୁଛନ୍ତି ଲୋକେ। ଏଥିସହ ଏହି ରାସ୍ତା ଦେଇ ପାଦ ଚଲା ଠାରୁ ଆରମ୍ଭ କରି ଯାନବାହାନାରେ ଯିବା ଆସିବା କରିବା ସମୟରେ ପ୍ରାୟ ପ୍ରତେକ ସମୟରେ ରାସ୍ତା ଖୋଳିବା ଦ୍ୱାରା ଉଠି ରହିଥିବା ମେଟାଲ ଆଘାତରେ ଲୋକେ ଆହତ ହେଉଛନ୍ତି। ଅତି ତୁରନ୍ତ ଏହି ସମସ୍ୟାର ସମାଧାନ କରାନଗଲେ ଲୋକେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଘଟଣାରୁ ପ୍ରକାଶ, ଗୋଷାଣି ବ୍ଲକ ଅନ୍ତର୍ଗତ ମହାଦେଇପୁର-ଗୁରାଣ୍ଡି ମୁଖ୍ୟରାସ୍ତାକୁ ଖୋଳି ଛାଡି ଦିଆଯାଇଥିବା ଯୋଗୁଁ ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି । ଅଞ୍ଚଳବାସୀ କହିବା ପ୍ରକାରେ ପ୍ରାୟ ୨ ସପ୍ତାହ ପୂର୍ବେ ପୂର୍ତ୍ତବିଭାଗ ପକ୍ଷରୁ ରାସ୍ତାକାମନାମରେ ଖନନ କରାଯାଇଥିଲା । ପୁରୁଣା ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ଖୋଳି ଦିଆଯାଇଛି। ପୁରୁଣା ପିଚୁ ଓ ମେଟାଲ ଗୁଡିକୁ ପୁଣି ରୋଲର ମଡାଇ ଦିଆଯାଇଛି। ହେଲେ ଏଥିଯୋଗୁଁ ଉପୁଜୁଥିବା ସମସ୍ୟା ଲୋକଙ୍କ ପାଇଁ ଘାତକ ସାଜିଛି। ବିକ୍ଷିପ୍ତ ହୋଇପଡିଥିବା ମେଟାଲ ଗୁଡିକ କୌଣସି ଭାରିଯାନ ଯାତାୟତ କଲାବେଳେ ପଥଚାରୀଙ୍କ ଠାରୁ ଆରମ୍ଭ କରି ବାଇକ ଚାଳକଙ୍କ ଉପରେ ଛିକିଟି ପଡୁଥିବା ଯୋଗୁଁ ସେମାନେ ଆହତ ହେଉଛନ୍ତି ଲୋକେ। ସେହିପରି ଭାରୀଯାନ ଯାତାୟତ ବେଳେ ଧୂଳି ଧୂସର ଉଡି ଘରକୁ ପ୍ରବେଶ କରୁଥିବାରୁ ଏହି ଅଞ୍ଚଳର ଲୋକେ ୨୪ଘଣ୍ଟା କାଳ କବାଟ ବନ୍ଦ କରି ରହୁଛନ୍ତି । ହୋଟେଲ୍ କରିଥିବା ବ୍ୟକ୍ତିବିଶେଷ ତଥା ବ୍ୟବସାୟୀ ଧୂଳି ଉଡୁଥିବା ଯୋଗୁଁ ନିଜ ନିଜର ବ୍ୟବସାୟ ବନ୍ଦ କରିଦେଇଥିବାର ପ୍ରକାଶ କରିଛନ୍ତି। ଏହା ସହ ଏହି ଧୂଳି ଉଡିବା ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶରେ ଲୋକେ ହନ୍ତସନ୍ତ ହୋଇ ଜୀବନ କାଟୁଥିବା ପ୍ରକାଶ କରିଛନ୍ତି । ଯଦି ରାସ୍ତା କାମ ବିଳମ୍ବରେ କରିବାର ଥିଲା ତେବେ କାହିଁକି ପୂର୍ତ୍ତବିଭାଗ ତତ୍ପରତା ଦେଖାଇ ଖନନ କରିଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ଓ ଠିକାଦାର କାମ ଆରମ୍ଭ କରିଦେଇ ଚାଲିଯାଇଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଲୋକଙ୍କ ପାଇଁ କାଳ ସାଜିଛି ଏହି ରାସ୍ତା. ଏନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳୁ ନଥିବା ଅଞ୍ଚଳବାସୀ କହିଛନ୍ତି ଓ ତୁରନ୍ତ ରାସ୍ତାକାମ କରାଗଲେ ଆନ୍ଦୋଳାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ।

# ଯାଜପୁର ଜିଲ୍ଲାରେ ଶାସକ ବିରୋଧିଙ୍କ ହାଇ ଡ୍ରାମା

## ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିଜେଡିର ଅଭିଯୋଗକୁ ଖଣ୍ଡନ କଲା ବିଜେପି

ଯାଜପୁର ତା୨୪।୧୧ : ଗତ ୧୯ତାରିଖ ସଂନ୍ଧ୍ୟାରେ ଯାଜପୁର ଜିଲ୍ଲା ଧର୍ମଶାଳାର ସ୍ୱାଧିନ ବିଧାୟକ ହିମାଂଶୁ ସାହୁ ଏକ ସରକାରୀ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାପାଳଙ୍କ ଦପ୍ତରକୁ ଲଘୁ ଖଣିଜ ବିଭାଗର ଉପ ନିର୍ଦ୍ଦେଶକଙ୍କ ଆହ୍ୱାନରେ ଆୟୋଜିତ ଏକ ବୈଠକରେ ଯୋଗ ଦେବାକୁ ଯାଉଥିବା ବେଳେ ତାଙ୍କ ଉପରେ ହୋଇଥିବା ଆକ୍ରମଣ ପର ଠାରୁ ଯାଜପୁର ଜିଲ୍ଲାରେ ବିଜେଡି ଓ ବିଜେପି ମଧ୍ୟରେ ଏକପ୍ରକାର କ୍ଷମତା ଯୁଦ୍ଧ ଆରମ୍ଭ ହୋଇଛି। ଏହାର ଅବସାନ କେବେ ହେବ, ତାହା କହିବା କଷ୍ଟକର ହୋଇଥିଲେ ମଧ୍ୟ ଆରୋପ ପ୍ରତ୍ୟାରୋପ ସହିତ ବିଧାୟକଙ୍କ ଆକ୍ରମଣ କାରୀଙ୍କୁ ଖାଜି ଖୋଜି ପୋଲିସ ଗିରଫ କରୁଛି। ଏହି କ୍ରମରେ ପାଖାପାଖି ୧୪ଜଣ ଗିରଫ ହୋଇଥିବା ବେଳେ ଶନିବାର ବିଜେଡିର ସାଙ୍ଗଠନିକ ସଂପାଦକ ତଥା ଯାଜପୁର ବିଧାନ କ୍ଷେତ୍ରର ପ୍ରାକ୍ତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସାନ ଭାଇ ଭବ ପ୍ରକାଶ ଦାସ(ଲଲ)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାକୁ ନେଇ ବିଜେଡି ସାଙ୍ଗଠନିକ ସଂପାଦକ ପ୍ରଣବ ପ୍ରକାଶ ଓରଫ ବବି ଦାସ ନିଜର ମୁହଁ ଖୋଲି ନଥିଲେ ମଧ୍ୟ ତାଙ୍କ ପାଇଁ ଜିଲ୍ଲା ବିଜୁ ଜନତା ଦଳ ଆଗକୁ ଆସି ଶାସକ ଦଳର ଆକ୍ରୋସରୁ ଏହି ଗିରଫ ଦାରୀ ଚାଲିଥିବା ସଫେଇ ଦେଇଛି। ଦଳର ଜିଲ୍ଲା ସଭାପତି ସରୋଜ ସାହୁ ପୂର୍ବ ସରକାର ଅର୍ଥାତ ବିଜେଡି ସରକାର ସମୟରେ ହାତକୁ ନିଆଯାଇଥିବା ମା ବିରଜା ମନ୍ଦିର ପ୍ରକଳ୍ପର ବନ୍ଦ ପାଇଁ ବିଜେପି ସରକାର ଚକ୍ରାନ୍ତ କରିଥିବା କହି ଜିଲ୍ଲା ପ୍ରଶାସନକୁ ହାତବାରିଶ କରିଥିବା ଅଭିଯୋଗ କରିଛନ୍ତି। ଏକ ଖବରଦାତା ବୈଠରେ ବର୍ତମାନର ଯାଜପୁର ବିଧାୟିକା ସୁଜାତା ସାହୁ ମାଙ୍କ ପ୍ରକଳ୍ପ କାମକୁ ବନ୍ଦ କରାଗଲେ ଆନ୍ଦୋଳନ ହେବ ବୋଲି ଧମକ ଦେଇଛନ୍ତି। ବିରଜା ମନ୍ଦିର ପ୍ରକଳ୍ପ ଲଢେଇ କରୁଥିବା ଭକ୍ତ, ସେବାୟତ ଓ କିଛି ନିର୍ଦ୍ଦୋଷ ବ୍ୟକ୍ତି ବିଶେଷଙ୍କୁ ପୋଲିସ ଟାଣି ଓଟାରି ଗିରଫ କରିଥିବା ବେଳେ



ଶାସକ ବିଜେପି ଦଳ ଓ ଏହାର ନେତୃତ୍ୱ ବ୍ୟକ୍ତି ମାନେ ଯାଜପୁର ବିକାଶକୁ ସହ୍ୟ କରି ପାରୁ ନଥିବା ବବଙ୍କ ଅନ୍ୟତମ ଭାଇ ଭଳଭଦ୍ର ଦାସ କହିଛନ୍ତି। ଯାହାର ଉତର ରଖିଛି ଯାଜପୁର ଜିଲ୍ଲା ଭାରତୀୟ ଜନତା ପାର୍ଟି। ଶନିବାର ଅପରାହ୍ନରେ ଆୟୋଜିତ ଏକ ଖବର ଦାତା ବୈଠକରେ ଦଳର ଜିଲ୍ଲା ସଭାପତି ଗୌତମ ରାୟ ବିଜେଡିର ଅଭିଯୋଗକୁ ଖଣ୍ଡନ କରିବା ସହିତ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଯଥାଶିଘ୍ର ସମାପନ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଠାରୁ ନେଇ କେନ୍ଦ୍ର ସରକାର ମା ବିରଜା ପରିକ୍ରମା ପ୍ରକଳ୍ପ ନିର୍ମାଣକୁ ଗୁରୁତ୍ୱ ଦେଉଥିବା କହି ବିଜୁ ଜନତା ଦଳ ଲୋକଙ୍କୁ ଭ୍ରମିତ କରୁଥିବା ଅଭିଯୋଗ କରିଛନ୍ତି। ଏପରିକି ବିଜୁ ଜନତା ଦଳ ନିଜର ୨୪ ବର୍ଷର ଶାସନ କ୍ଷମତା ହରାଇବା ଦିନ ଠାରୁ ରାଜ୍ୟରେ ତଥା ଜିଲ୍ଲାରେ ଅରାଜକତା ସୃଷ୍ଟି କରୁଥିବା ଗୌତମ ଅଭିଯୋଗ କରିଛନ୍ତି। ସେହିପରୀ ବିରଜା ହାଟ ଅସ୍ଥାଇ ଭାବେ ସ୍ଥାନାନ୍ତର ହେବା ପ୍ରସଙ୍ଗରେ ଗୌତମ ପରୋକ୍ଷରେ ବବିଦାସଙ୍କୁ ଆଙ୍ଗୁଳି ଉଠାଇଛନ୍ତି। ମା ବିରଜାଙ୍କ ନାମରେ ନାମିତ ଏହି ଦୁଇ ଶହ ବର୍ଷର ହାଟକୁ ଗତ ୮ ମାସ ତଳେ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପଛରେ ବ୍ୟକ୍ତିଗତ ସ୍ୱାର୍ଥ ନିହିତ ବୋଲି କହିଛନ୍ତି। ଚାଷି ଚାଷ କରି ଏହି ହାଟ ମାଧ୍ୟମରେ ନିଜ ପରିବାର ପ୍ରତିପୋଷଣ କରୁଥିବା ବେଳେ ବିଜେଡି ସରକାର ସମୟରେ ଅର୍ଥାତ ୨୦୨୩ ମସିହାରେ ପ୍ରଶାସନକୁ ଲଗାଇ ସେଠାରୁ ତଡି ଦିଆଯାଇଥିଲା। ଖୁବ ଶିଘ୍ର ଏକ ହାଇଟେକ ହାଟ ପ୍ରସ୍ତୁତ କରି ବ୍ୟବସାୟୀମାନଙ୍କୁ ଫେରାଇ ଅଣାଜିବ ବୋଲି ତତକାଳିନ ବିଧାୟକ ଓ ପ୍ରଶାସନ ପ୍ରତିଶୃତି ଦେଇଥିଲେ। ହେଲେ ପୂର୍ବ ସରକାର କିମ୍ବା ପ୍ରଶାସନ ତାହା ପାଳନ ନ କରିବାରୁ କ୍ଷତିଗ୍ରସ୍ଥ ଚାଷୀ ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ସଂଲଗ୍ନ ବଳକା ଥିବା ଏକ ଏକର ଯାଗା ଓ ଘରୋଇ ଜମିରେ ପୁନଶ୍ଚ ହାଟ ବସାଇବାକୁ ପ୍ରଶାସନ ଠାରୁ ନେଇ ସରକାରଙ୍କୁ ଯଣାଇଥିଲେ। ତେବେ ୨୦୨୩ମସିହାରେ ବିରଜା ହାଟକୁ ମିଛ ପ୍ରତିଶୃତି ଦେଇ ସ୍ଥାନାନ୍ତରିତ କରିବା ପଛରେ ପରୋକ୍ଷରେ ବବି ଦାସଙ୍କୁ କାଠ ଗଡାକୁ ଟାଣିବା ସହିତ କିଛି ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କ ଜମିର ଭେଲୁ ଆଡିସନ ପାଇଁ ହାଟ ସ୍ଥାନାନ୍ତରିତ ହୋଇଥିବା ଅଭିଯୋଗ କରିଛନ୍ତି। ବିଜେଡି ଓ ଏହାର ନେତା ସବୁ ଜାଣିଥିବା କହି କେବଳ ଲୋକଙ୍କୁ ବିଭାନ୍ତ କରିବା ଉଦ୍ୟମ ଜାରି ରହିଥିବା ଗୌତମ କହିଛନ୍ତି।

## ମନ୍ଦିର ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନିତ କରିବା ଦାବିରେ ସେବାୟତଙ୍କ ତରଫରୁ ପ୍ରେସ୍ ମିଟ୍



ଯାଜପୁର ୨୪/୧୧ : ମା' ବିରଜା ଅଙ୍ଗଲାଗି ସେବାୟତଙ୍କ ପକ୍ଷରୁ ଶନିବାର ସଂଧ୍ୟାରେ ବିରଜା ମନ୍ଦିର ନିକଟସ୍ଥ ନୂଆ ମା ମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଅବଗତ କରିଛନ୍ତି ଯେ ଦୀର୍ଘ କିଛି ଦିନ ହେବ ବିରଜା ପ୍ରକଳ୍ପ ଏବଂ ଅଗ୍ନେଶ୍ୱର ହାଟକୁ ନେଇ ସ୍ଥାନୀୟ ଅଧିବାସୀମାନଙ୍କ ମଧରେ ବାଦ୍ ବିବାଦ ଚାଲୁ ରହିଅଛି । କିଛି ଦିନ ଧରି ମା' ବିରଜାଙ୍କ ପ୍ରକଳ୍ପ କାର୍ଯ୍ୟକୁ ସଂପୂର୍ଣ୍ଣ ରୂପେ ବନ୍ଦ କରି ଦିଆଯାଇଛି। ସେବାୟତ ପରିଷଦ ତରଫରୁ ଏକାଧିକ ବାର ଏକାଧିକ ଜିଲ୍ଲାପାଳ ମାନଙ୍କୁ ଅବଗତ କରାଯିବା ସହିତ ଦାବି ପତ୍ର ମଧ ଦିଆଯାଇଛି। ହେଲେ ସେଥିରୁ ଆମ୍ଭେମାନେ କିଛି ଅଗ୍ରଗତ ଦେଖି ପାରିଲୁ ନାହିଁ। ପୁର୍ବ ଜିଲ୍ଲା ପ୍ରସାସନ ଆମ୍ଭମାନଙ୍କ ସହିତ ପ୍ରତ୍ୟେକ ବିଷୟରେ ଆଲୋଚନା କରି ନିଷ୍ପତି ନେଉଥିଲେ, ହେଲେ ଏବେ ଜିଲ୍ଲା ପ୍ରଶାସନ ଆମ୍ଭ ମାନଙ୍କୁ ଅନ୍ଧାରରେ ରହି କାର୍ଯ୍ୟ କରି ଚାଲିଛି। କୌଣସି କାର୍ଯ୍ୟ ବିଷୟରେ ଆମ୍ଭେମାନେ କିଛି ଜାଣି ପାରୁନାହୁଁ। ମନ୍ଦିରର ପ୍ରକଳ୍ପ କାର୍ଯ୍ୟ କେତେ ଯାଗା ଅଧିଗ୍ରହଣ କରାଯାଇଛି, ତାହା ସମସ୍ତଙ୍କୁ ଅବଗତ କରାଯାଉନାହିଁ। ଅଧିଗ୍ରହଣ ଜମିର କେଉଁ ସ୍ଥାନରେ କ'ଣ କାର୍ଯ୍ୟ କରାଯିବା ପାଇଁ ନିଷ୍ପତି ହୋଇଅଛି ତାହା ମଧ ସର୍ବସାଧାରଣକୁ ଜଣାଯାଇନାହିଁ। ଅଧିଗ୍ରହଣ ଜମିରେ ତାରବାଡ଼ା କିମ୍ବା ସୂଚନା ଫଳକ ମଧ ଦିଆଯାଉନାହିଁ। ସେଥିପାଇଁ ଉକ୍ତ ସ୍ଥାନକୁ ନେଇ ବିଭିନ୍ନ ଦାବି କରାଯାଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରାଯାଉଛି। ଶହ ଶହ ବର୍ଷ ଧରି ଯେଉଁ ବର୍ଗର ସେବାୟତ ମାନେ ମନ୍ଦିର ନିକଟରେ ବସବାସ କରୁଥିଲେ, ମନ୍ଦିରର ଉନ୍ନତି ପାଇଁ ସେମାନେ ନିଜର ଘର ଦ୍ୱାର ଭିଟାମାଟି ଛାଡ଼ିଛନ୍ତି, ସେମାନଙ୍କୁ ମଧ ଅନ୍ଧାରରେ ରଖାଯାଉଛି। ଦୁର୍ଗା ପୂଜା ପୂର୍ବରୁ ୨ ଗୋଟି ଶୌଚାଳୟ ସମ୍ପୂର୍ଣ୍ଣ କରିବା ପାଇଁ ଦାବି କରିଥିଲେ ମଧ ତାହା ଅଦ୍ୟାବଧି ଜିଲ୍ଲା ପ୍ରଶାସନ ପୁରଣ କରି ପାରିଲା ନାହିଁ। ଯଜ୍ଞ ମଣ୍ଡପଟି ମଧ ଆରମ୍ଭ କରି ପାରିଲା ନାହିଁ। ପ୍ରକଳ୍ପ କାର୍ଯ୍ୟ ବନ୍ଦ ଯୋଗୁଁ ଅଧିଗ୍ରହଣ ଜାଗାରେ କିଛି ନ୍ୟସ୍ତସ୍ୱାର୍ଥ ଲୋକ ଜମି ଦଖଲ କରିବାର ମସୁଧା କରିବାକୁ ନେଇ ଖବର ଶୁଣିବାକୁ ମିଳୁଛି। ବିରଜା ପ୍ରକଳ୍ପ ବିରଜା ହାଟକୁ ନେଇ ସାରା ଯାଜପୁର ଅଶାନ୍ତ ହୋଇ ଉଠିଛି। ଯାହା ଫଳରେ ବିରଜା ମନ୍ଦିରକୁ ଆସୁଥିବା ଭକ୍ତମାନେ ଭୟଭିତ ହୋଇ ମନ୍ଦିର ଆସୁନାହାଁନ୍ତି। ଏଥି ଯୋଗୁ ଆମ୍ଭ ମାନଙ୍କର ପରିବାର ପ୍ରତି ପୋଷଣରେ ବାଧା ସୃଷ୍ଟି ହେଲାଣି। ତୁରନ୍ତ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଆଗ୍ରହ ପ୍ରକାଶ ନ କଲେ ଆଗାମି ଦିନରେ ସେବାୟତମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବାକୁ ନେଇ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି ।

## ଦୁଇଗୋଟି ସନ୍ତାନର ଜନନୀ ମୃତ୍ୟୁ ପରେ ବାପା ପ୍ରତିପୋଷଣରେ ଚିନ୍ତା



ଗୋଲାମୁଣ୍ଡା/୨୪/୧୧/୨୪/ (ସୁରେନ୍ଦ୍ର କୁମାର ଭୋଇ) ଦୁଇଟି ସନ୍ତାନର ମାଁ ମୃତ୍ୟୁ ପରେ ବାପା ଙ୍କ ଚିନ୍ତା ଅନେକ ପ୍ରକାର ସମସ୍ୟା ସୃଷ୍ଟି ହେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି, ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଖମାରହଳଦୀ ଗ୍ରାମ ପଞ୍ଚାୟତ ଅଧିନରେ ଥିବା ଘୋଟିଆ ଗ୍ରାମର ରଣା ପଡ଼ାର ଏକ ପରିବାରମଧରେ, ପରିବାର କହିଲେ ଏକ ଗରୀବ ପରିବାରରେ ସ୍ୱାମୀ ନବୀନରଣା ଓ ସ୍ତ୍ରୀ ସନ୍ତରାରଣା (୩୭) ଓ ପୁଅ ପରମାନନ୍ଦ ରଣା (୧୦) ଉଭୟେ ତିନି ଜଣ ଅତି ଗରୀବ ଶ୍ରେଣୀୟର ଅଟନ୍ତି, ଦୈନିକ କୁଲିମଞ୍ଜୁରି କଲେ ତିନିଜଣଙ୍କ ପାଇଁ ଚୁଲି ଜଳେ ନଚେତ ଭୋକ ଉପାସରେ ବିତାଇ ଥାଆନ୍ତି, ଏଭଳି ସ୍ଥଳେ ହଟାତ ସନ୍ତରା ଙ୍କ ମୃତ୍ୟୁ ଘଟିଯାଇଛି, ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ ସନ୍ତରା ଗର୍ଭାବାସ ରେ ପ୍ରସବ ପାଇଁ ଧର୍ମଗଡ଼ ମେଡିକାଲରେ ଭର୍ତ୍ତି ହୋଇଥଲା, ସୁନ୍ଦର ଭାବେ ପୁଅ ଜନ୍ମ ହେଲାପରେ ସନ୍ତରାର ରକ୍ତସ୍ରାବ ବନ୍ଦ ନ ହେବାରୁ ଭବାନୀ ପାଟଣା ବଡ ମେଡ଼ିକାଲ କୁ ସ୍ଥାନାନ୍ତରିତ କରି ଚିକିତ୍ସା କରୁ କରୁ ସନ୍ତରାଙ୍କ ମୃତ୍ୟୁ ବରଣ ହୋଇ ଥିଲା, ଏଭଳି ଦୁଃଖଦ ଅବସ୍ଥାରେ ପ୍ରଥମ ପୁଅ ଓ ସବା ଛଅ ମାସର ଛୁଆଙ୍କ ପାଇଁ ବାପା ଙ୍କ ମୁଣ୍ଡରେ ପ୍ରତିପୋଷଣ ଓ ହେପା ଜାତ କରିବା ପାଇଁ ସୁବୁ ବେଳେ ଦୁଃଖରେ ଭାଙ୍ଗି ପଡିଛନ୍ତି ନବୀନରଣା, ଗୋଟିଏ ପଟେ ଛଅ ମାସର ଛୁଆଙ୍କ ଯତ୍ନ ନେବା ଓ ଅନ୍ୟ ପକ୍ଷରେ ଦୁଇଟି ଛୁଆକୁ ପ୍ରତିପୋଷଣ କରିବାରେ ମୁଣ୍ଡରେ ଚଡ଼କ ପଡିଛି ବୋଲି ଗଣ ମାଧମ ପ୍ରତିନିଧି ନିକଟରେ ଦୁଃଖର ବିଷୟ ଜଣାଇ ଛନ୍ତି ଯେ ଏଭଳି ଦୁଃଖଦ ଅବସ୍ଥାରେ ଗତି କରୁଥିବା ବେଳେ ରାଜ୍ଯ ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦିଆ ନ ଯାଏ ତେବେ ଆଗମୀ ଦିନରେ ପରିବାର ପ୍ରତିପୋଷଣରେ ବାଧା ସୃଷ୍ଟି ଦେଖା ଦେବ ବୋଲି ଅନୁରୋଧ କରିଛନ୍ତି, ଏହି ପରିପ୍ରେକ୍ଷିରେ ସ୍ଥାନୀୟ ସମାଜ ସେବୀ ଭୁବନେ ନୀଆଳ, ଅତୁଲରଣା ମଧ ଉପସ୍ଥିତ ରହି ସରକାରଙ୍କୁ ନିବେଦନ କରିଛନ୍ତି ଯେ ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ, ଦେଖନ୍ତୁ ନିଜେ ବାପା ଛଅ ମାସର ଛୁଆଙ୍କୁ କଖାଇବା ସହ ନିକଟରେ ୧୦ବର୍ଷର ପୁଅ ସହିତ ଗଣ ମାଧମ ନିକଟରେ ଛିଡ଼ା ହୋଇ ଦୁଃଖ ପ୍ରକାଶ କରିଛନ୍ତି।

# ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ସତ୍ୟନିଷ୍ଠ ଓ ବିରଳ ରାଜନେତା

ଭୁବନେଶ୍ୱର, ୨୪ ନଭେମ୍ବର – ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶବାଦୀ ରାଜନେତା ଓ ସାଲିସ୍‌ବିହୀନ ବ୍ୟକ୍ତିତ୍ୱ । ଜମିଦାରୀ ପ୍ରଥା ଉଚ୍ଛେଦ, ଓଡ଼ିଶା ଭାଗଚାଷ ଆଇନ, ଭୂସଂସ୍କାର ପାଇଁ ପ୍ରାଥମିକ ବ୍ୟବସ୍ଥା ଆଦି ଜନକଲ୍ୟାଣକାରୀ ନିୟମ ଆଣି ନବକୃଷ୍ଣ ଚୌଧୁରୀ ଓଡ଼ିଶାର ଧନୀ-ଦରିଦ୍ର ମଧ୍ୟରେ ତାରତମ୍ୟକୁ ହ୍ରାସ କରିବା ଦିଗରେ ତାଙ୍କର ନିଷ୍ଠା ପ୍ରମାଣ କରିଥିଲେ । ସେ ସବୁବେଳେ ଓଡ଼ିଆଙ୍କ ସ୍ୱାଭିମାନ, ଉନ୍ନତି ବିଷୟରେ ଚିନ୍ତା କରୁଥିଲେ । ଜଣେ ନିଷ୍ଠାପର ଜନନାୟକ ଏବଂ ବିପ୍ଳବୀର ସମସ୍ତ ଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା ବୋଲି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଜଣେ ବିପ୍ଳବୀ ଜନନାୟକ, ସାମ୍ୟବାଦୀ ଦର୍ଶନର ରୂପକାର, କୃଷକ, ଖଟିଖିଆ ଓ ମେହନତି ମଣିଷର ସୁଖଦୁଃଖର ସାଥୀ, ସରଳ, ନିରାଡ଼ମ୍ବର ଓ ସର୍ବୋପରି ଜଣେ ସଚ୍ଚା ଦେଶସେବକ ଭାବେ ନବକୃଷ୍ଣ ଚୌଧୁରୀ ଓଡ଼ିଶାବାସୀଙ୍କ ହୃଦୟରେ ଚିରଅମର ହୋଇ ରହିବେ । ଗାନ୍ଧିଜୀଙ୍କ ଆହ୍ୱାନରେ ପାଠପଢ଼ା ଛାଡ଼ି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ । ଉଭୟ ବ୍ୟକ୍ତିଗତ ଓ ସାମାଜିକ କ୍ଷେତ୍ରରେ ସାଧୁତା, ନୈତିକତା, ସରଳତା, ପରୋପକାର ଓ ସତ୍ୟବାଦିତା ଦୃଷ୍ଟିରୁ ସେ ସମଗ୍ର ଦେଶରେ ଏକ ବିରଳ ରାଜନେତା ଥିଲେ । ମୂଲ୍ୟବୋଧଭିତ୍ତିକ ରାଜନୀତି ପାଇଁ ନବକୃଷ୍ଣ ଚୌଧୁରୀ ସବୁଦିନ ପାଇଁ ମନେ ରହିବେ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଗାନ୍ଧୀବାଦୀ ଲେଖକ ଓ ସ୍ତମ୍ଭକାର ଶ୍ରୀ ପ୍ରହଲ୍ଲାଦ କୁମାର ସିଂହ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ ଜଣେ ସରଳ, ପରୋପକାରୀ, ସତ୍ୟବାନ ରାଜନେତା ଭାବେ ବର୍ଣ୍ଣନା କରି ତାଙ୍କ ସମୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ବୁର୍ଲା ଯାନ୍ତ୍ରିକ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ହୀରାକୁଦ ବନ୍ଧ ନିର୍ମାଣ କାର୍ଯ୍ୟ ତାଙ୍କ ସମୟରେ ଚାଲିଥିଲା । ମହାଜନୀ କାରବାର ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଥିଲେ । ତାଙ୍କର ନିଷ୍ଠା, ଆଦର୍ଶ, ତ୍ୟାଗପୂତ ଜୀବନ ଓଡ଼ିଶାବାସୀଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି ସେ କହିଥିଲେ । ବିଶିଷ୍ଟ ଶିକ୍ଷାବତ୍ ତଥା ସମାଜସେବୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପ୍ରତିକୂଳତାକୁ ଭ୍ରୂକ୍ଷେପ ନକରି, କ୍ଷମତା ଓ ବସ୍ତୁବାଦୀ ଲୋଭରେ ଅବିଚଳିତ ରହି, ପ୍ରଲୋଭନକୁ ପଦାନତ କରି ନବକୃଷ୍ଣ ଚୌଧୁରୀ



ଏକ ନୂତନ ଆଦର୍ଶ ସୃଷ୍ଟି କରିଥିଲେ ବୋଲି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଇ.ଆଇ.ଟି., ଭୁବନେଶ୍ୱରର ସଦସ୍ୟ ଶ୍ରୀ ସତ୍ୟବ୍ରତ ପଣ୍ଡା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୀବନାଦର୍ଶ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରି କହିଥିଲେ ଯେ ଚାଷୀମୂଲିଆଙ୍କ ସମସ୍ୟା ପ୍ରତି ନବକୃଷ୍ଣ ଚୌଧୁରୀ ଥିଲେ ଅତ୍ୟନ୍ତ ଭାବପ୍ରବଣ । ନବକୃଷ୍ଣ ଚୌଧୁରୀ ଓଡ଼ିଶାର ଗ୍ରାମାଂଚଳର ବିକାଶ, ସମାଜର ନିମ୍ନସ୍ରୋତରେ ଥିବା ମଣିଷଙ୍କ ଉନ୍ନତି, ଭାଷାଗତ ଓ ସାଂସ୍କୃତିକ ବିକାଶ ସାଙ୍ଗକୁ ସବୁବେଳେ ଦୂରଦୃଷ୍ଟି ନେଇ ସମାଜର ଉତ୍ତରଣ କଥା ଚିନ୍ତା କରୁଥିଲେ । ତାଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରିପାରିଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ସୁରେନ୍ଦ୍ରନାଥ ପରିଡ଼ା ଅତିଥିମାନଙ୍କୁ ସ୍ୱାଗତ କରିବା ଅବସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କୁ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ନିଃସ୍ୱାର୍ଥପର ଜନସେବକ, ବିଶିଷ୍ଟ ରାଜନୀତିଜ୍ଞ ବୋଲି ବର୍ଣ୍ଣନା କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶକ (କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

## ଟାଟରାଇ ଗାଁର ଦୁଃଖ: ୩ କିମି ଦୂରରେ ରହିଛି ସ୍କୁଲ, ଅଙ୍ଗନବାଡ଼ି



ମାଲକାନଗିରି,୨୪/୧୧: ମାଲକାନଗିରି ଜିଲ୍ଲାର ବହୁ ଗ୍ରାମ ଆଜି ବି ଅବହେଳିତ ହୋଇ ରହିଛି। ଗୋଟିଏ ପଟେ ନକ୍ସଲ ଗାଁଗୁଡିକର ବିକାଶ ହେବାକୁ ଦେଇନଥିବା ବେଳେ ଅନ୍ୟ ପଟେ ପ୍ରଶାସନ ଏବଂ ସରକାର ଗାଁରେ ମୌଳିକ ସୁବିଧା ପହଞ୍ଚାଇବାରେ ବିଫଳ ହୋଇଛି।ନକ୍ସଲ ଜିଲ୍ଲାକୁ ୨୦ ବର୍ଷ ପଛକୁ ଠେଲି ଦେଇଥିବା ବେଳେ ଗତ ତିନି ଚାରି ବର୍ଷ ହେଲା ଜିଲ୍ଲା ପୁଣି ବିକାଶ ଆଡକୁ ପାଦ ଥାପିଛି।ତେବେ ଗାଁର ବିକାଶ ହେଲେ ହିଁ ଜିଲ୍ଲାର ବିକାଶ ହୁଏ। ତେଣୁ ଦୁର୍ଗମ ଗାଁଗୁଡିକ ଆଜି ବି ସରକାରୀ ଯୋଜନା କଣ ଜାଣନ୍ତି ନାହିଁ କି ସରକାରୀ ବାବୁମାନଙ୍କର ପାଦ ଏଭଳି ଗାଁଗୁଡିକରେ ପଡେ ନାହିଁ। ଏଭଳି ଏକ ଗାଁ ହେଉଛି କାଲିମେଳା ବ୍ଲକର ମୋଟୁ ପଞ୍ଚାୟତର ଟାଟରାଇ ଗ୍ରାମ। ଏହି ଗ୍ରାମରେ ପ୍ରାୟ ୨୦ ପରିବାର ବସବାସ କରୁଛନ୍ତି। ସମସ୍ତେ କୋୟା ଆଦିବାସୀ ସଂପ୍ରଦାୟର ଅଟନ୍ତି। ଗାଁରେ ଅଙ୍ଗନବାଡି କେନ୍ଦ୍ର ନଥିବାରୁ ପିଲାମାନେ ୩ କିଲୋମିଟର ଚାଲି ଚାଲି ମୁରଲିଗୁଡା ଅଂଗନବାଡି କେନ୍ଦ୍ରକୁ ଯାଉଛନ୍ତି। ତେବେ ଜଂଗଲି ରାସ୍ତା ଦେଇ ପ୍ରତିଦିନ ଯିବାକୁ ପଡେ। ପୁଣି ବର୍ଷା ଦିନେ ଅଙ୍ଗନବାଡି କେନ୍ଦ୍ର ଯିବା ମୁସକିଲ ହୋଇପଡେ ବୋଲି ଗ୍ରାମବାସୀ କହନ୍ତି। ସେହିପରି ଗାଁରେ ୨୦ରୁ ଉର୍ଦ୍ଧ୍ୱ ପିଲା ରହିଥିବା ବେଳେ ପିଲାମାନେ ମଧ୍ୟ ପାଠ ପଢିବାକୁ ୩ କିଲୋମିଟର ଚାଲି ଚାଲି ମୁରଲୀଗୁଡାକୁ ହିଁ ଯିବାକୁ ପଡେ।ତେବେ ପିଲାମାନେ ପ୍ରତିଦିନ ସ୍କୁଲ ମୁହାଁ ହୋଇପାରୁନଥିବା ଦେଖିବାକୁ ମିଳିଛି। ଅଭିଭାବକମାନେ ସଚେତନ ନଥିବାରୁ ପିଲାଙ୍କୁ ପ୍ରତିଦିନ ସ୍କୁଲକୁ ପଠାଉ ନାହାନ୍ତି। ପିଲା ଗାଈ ଚୋରାଇବା ସହ ଘରର କାମ କରୁଥିବା ଲକ୍ଷ୍ୟ କରାଯାଇଛି। ତେବେ ଗାଁକୁ ଆଜି ବି ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ଗାଁ ଲୋକେ ବର୍ଷ ବର୍ଷ ଧରି ଦୂଷିତ ପାଣି ପିଉଛନ୍ତି। ଗାଁରେ ରହିଥିବା ଗୋଟିଏ ମାତ୍ର ନଳକୂପ ଖରାପ ହୋଇ ପଡିଥିବାରୁ। ଦୀର୍ଘ ସମୟ ଧରି ନଳକୂପର ହ୍ୟାଣ୍ଡଲକୁ ମାରିଲେ ଗୋଳିଆ ପାଣି ବାହାରେ। ସେହି ପାଣିକୁ ଗାଁ ଲୋକେ ପିଉଥିବା କହନ୍ତି। ଗାଁ ଲୋକେ ସଚେତନ ନଥିବା ବେଳେ ପଞ୍ଚାୟତ ଏବଂ ବ୍ଲକ ପ୍ରଶାସନ ନିକଟରେ ବହୁ ଥର ଗୁହାରି କରିଥିଲେ ମଧ କେହି କର୍ଣ୍ଣପାତ କରୁନଥିବା କହିଥିଲେ। ଗାଁରେ ଅଜଣା ରୋଗର ଶିକାର ହୋଇ ବହୁ ଲୋକ ମୃତ୍ୟୁବରଣ କରୁଥିବା ସେମାନେ କହନ୍ତି। ଗାଁକୁ ସ୍ୱାସ୍ଥ୍ୟ ସେବା ଅପହଞ୍ଚ ହୋଇ ରହିଛି। ଲୋକେ ଗୁଣିଆ ଡିଶାରୀ ଉପରେ ନିର୍ଭର କରିବାକୁ ବାଧ୍ୟ ହୁଅନ୍ତି। ଏହି ଅଂଚଳର ପିଲା ଅପପୁଷ୍ଟିର ଶିକାର ହେଉଥିବା ମଧ ଦେଖିବାକୁ ମିଳିଛି। ନାହିଁ ନାହିଁରେ ଥିବା ଏହି ଗ୍ରାମକୁ କେବେ ସରକାରୀ ସୁବିଧା ପହଞ୍ଚିବ ଦେଖିବାକୁ ବାକି ରହିଲା।

# ନଈ ଏପଟେ ଜୀବନ ଆରପଟେ ଜୀବିକା ସମସ୍ୟାରେ ସନ୍ତୁଳି ହେଉଛି କୁସୁମବାହାଲ ଗାଁ

ଝରିଗାଁ,୨୪/୧୧: ନଈର ଗୋଟିଏ ପଟେ ଜୀବନ। ଆରପଟରେ ଜୀବିକା। ଏଥିପାଇଁ ପ୍ରତିଦିନ ବାଜିରେ ଲାଗୁଛି ଜୀବନ। ଏଣେ ବିକାଶ ନଈ ପାର ହୋଇପାରୁ ନଥିବାରୁ ଆଜି ବି ନାନା ସମସ୍ୟା ସହ ଯୁଝୁଛନ୍ତି ଗ୍ରାମବାସୀ। ସରକାରୀ ଯୋଜନା ଆଉ ସୁବିଧା ଲୋକଙ୍କ ପାଇଁ ହୋଇଛି ସାତସପନ। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସଦରଠାରୁ ୩୨କିମି ଦୂର ଚକଲାପଦର ପଞ୍ଚାୟତର ଉପାନ୍ତ ଆଦିବାସୀ ଗାଁ କୁସୁମବାହାଲରେ ଦେଖିବାକୁ ମିଳିଛି ଏହି ଦୃଶ୍ୟ। ଗାଁରେ ଜଣଙ୍କର ବି ନାହିଁ ପାଇଖାନା। ଗର୍ଭବତୀ ଓ ରୋଗୀଙ୍କୁ ଡାକ୍ତରଖାନା ନେବାକୁ ଆଜି ବି ଖଟିଆ ଭରସା। ଅନ୍ୟ ସମସ୍ୟା କଥା ପଚାରେ କିଏ? ପ୍ରାୟ ୩୦ ପରିବାର ବସବାସ କରୁଥିବା କୁସୁମବାହାଲ ଗାଁରେ ସମସ୍ତେ ଗରିବ। ହେଲେ ମାତ୍ର ୩ଜଣଙ୍କୁ ମିଳିଛି ପ୍ରଧାନମନ୍ତ୍ରୀ ଆବାସ। ଯାହା ୮ବର୍ଷ ହେଲା ଫାଉଣ୍ଡେସନରେ ଅଟକି ରହିଛି। ସ୍କୁଲ ନଥିବା ବେଳେ ଅଙ୍ଗନବାଡ଼ି ମାଡ଼ିପାରି ନାହାନ୍ତି ଶିଶୁ। ଗାଁର ଅଧିକାଂଶ ଶିଶୁ ଓ ଗର୍ଭବତୀ ଅପପୁଷ୍ଟିର ଶିକାର। ୫୦ବର୍ଷ ତଳେ କାଶୀପୁର ଅଞ୍ଚଳରୁ କିଛି ଆଦିବାସୀ ପରିବାର ଏଠାକୁ ଆସି ବସତି



ସ୍ଥାପନ କରିଥିଲେ। ପାହାଡ଼ିଆ ଜମିରେ ଚାଷବାସ କରି ରହିଥିଲେ। ଗାଁକୁ ଯିବାକୁ ଗାଇବନ୍ଧା ଗାଁ କିମ୍ବା ସାଗଜବା ଦେଇ ଯିବାକୁ ପଡ଼େ। ଗାଇବନ୍ଧା ଦେଇ ଗଲେ ୩କିମି ପରେ ବଡ଼ଘାଟି ଚଢ଼ି ଯିବାକୁ ହୁଏ। ବଡ଼ଘାଟିଠାରୁ ୩କିମି ରାସ୍ତା ପଥୁରିଆ ଓ ଖାଲଢିପରେ ଭର୍ତ୍ତି। ଟିପା ନଦୀ ପାର ମଧ ହେବାକୁ ପଡ଼େ। ସାଗଜବା ଦେଇ ଗଲେ ତିନିକିମି ଜଙ୍ଗଲିଆ ରାସ୍ତା ସାଙ୍ଗକୁ ଟିପା ନଦୀ ପାର ହେବାକୁ ପଡ଼େ। ଉଭୟ ରାସ୍ତାରେ ଟିପା ନଦୀ ପଡୁଥିବା ବେଳେ ଆଜି ପର୍ଯ୍ୟନ୍ତ ପୋଲଟିଏ ହୋଇନି। ବିଦ୍ୟୁତ୍ ଓ ମୋବାଇଲ ନେଟଓ୍ୱର୍କ କଥା ଛାଡ଼। ଅଧିକ ବର୍ଷା ହେଲେ ଗାଁ ଜଳବନ୍ଦି ହୋଇଯାଏ। ଉଭୟ ରାସ୍ତା ଉପରେ ପାଣି ଚାଲେ। ଜରୁରୀ ସମୟରେ ଗର୍ଭବତୀ କିମ୍ବା ରୋଗୀ ଖଟିଆରେ ବୁହା ହେଉଛନ୍ତି। ରାସ୍ତା ସମସ୍ୟା ଯୋଗୁଁ ଅଧିକାଂଶ ଗର୍ଭବତୀ ଗାଁରେ ହିଁ ପ୍ରସବ କରୁଛନ୍ତି। ଗାଁର ଅଧିକାଂଶ ପିଲା ଅପପୁଷ୍ଟିରେ ଆକ୍ରାନ୍ତ ହୋଇଥିବାରୁ ହାତଗୋଡ଼ ସରୁସରୁ ହୋଇଥିବା ବେଳେ ପେଟ ଶରୀର ଅନୁପାତରେ ବଡ଼। ବୟସ ଅନୁପାତରେ ଉଚ୍ଚତା ଓ ଓଜନ ମଧ କମ୍। ଗାଁର ହିତାଧିକାରୀ ସରକାରୀ ଚାଉଳ ଏବଂ ଭତ୍ତା ପାଇଁ ୧୩କିମି ଦୂର ଯାଉଛନ୍ତି। ରାସ୍ତା ନଥିବା ଓ ନଦୀ ପଡୁଥିବାରୁ ଲୋକେ ଟ୍ରାକ୍ଟର ଭଡ଼ା କରି ବସ୍ତା ପିଛା ୫୦ଟଙ୍କା ଦେଇ ଚାଉଳ ଆଣୁଛନ୍ତି। ଭତ୍ତା ପାଇଁ ବାଇକ୍ ଥିବା ଲୋକଙ୍କୁ ତେଲ ଖର୍ଚ୍ଚ ଦେଉଛନ୍ତି ହିତାଧିକାରୀ। ଗାଁରେ ଏଯାଏ ବିଦ୍ୟୁତ୍ ସେବା ପହଞ୍ଚି ପାରିନି। ରାତି ହେଲେ ସରୀସୃପ, ଜଙ୍ଗଲୀ ଜନ୍ତୁଙ୍କ ଭୟ ଲୋକଙ୍କୁ ଘାରୁଛି। ଏଥିପାଇଁ ସଞ୍ଜ ନଇଁଲେ ଲୋକେ ତାଟିକବାଟ ପକାଇ ଦିଅନ୍ତି। ପାଠ ପଢୁଥିବା ପିଲାଙ୍କ ପାଇଁ ଡିବିରି ଆଲୁଅ ଭରସା। କିଛି ପିଲା ୩କିମି ଦୂର ଶାଗଜବା ଅଙ୍ଗନବାଡି ଓ ଗାଇବନ୍ଧା ପ୍ରାଥମିକ ବିଦ୍ୟାଳୟକୁ ଯାଉଛନ୍ତି। ଜଙ୍ଗଲ ରାସ୍ତା ଯୋଗୁଁ ଅନେକ ଅଭିଭାବକ ପିଲାଙ୍କୁ ଅଙ୍ଗନବାଡ଼ି ଅବା ସ୍କୁଲ ଛାଡୁନାହାନ୍ତି। ମୋବାଇଲ ନେଟଓ୍ୱର୍କ ନଥିବାରୁ ଜରୁରୀ ସମୟରେ ଆମ୍ବୁଲାନ୍ସକୁ ଲୋକେ ଖବର ଦେଇପାରୁ ନଥାନ୍ତି। କାହାଘରେ ପାଇଖାନା ନଥିବା ବେଳେ ୨୦୧୬ରେ ୩ଜଣଙ୍କୁ ଆବାସ ମିଳିଥିଲା। ହେଲେ ଠିକାଦାର ଅଧା କାମ କରି ଚାଲିଯିବାରୁ ଏଯାଏଁ ଅଧପନ୍ତରିଆ ଅବସ୍ଥାରେ ରହିଛି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ